visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.259 Bhubaneswar Saturday, December 04, 2021 | ୨୪ତମ ବର୍ଷ ସଂଖ୍ୟା–୨୫୯ ଭୁବନେଶ୍ୱର, ଶନିବାର, ଡିସେମ୍ବର ୦୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# ପୁରୀରେ ସ୍ଥଳଭାଗ ଛୁଇଁବ ଜୱାଦ !

ଭୁବନେଶ୍ୱର, ୩।୧୨(ପି.ଏନ): ପୁରୀ ଜିଲ୍ଲାରେ ସ୍ଥଳଭାଗ ଛୁଇଁପାରେ ବାତ୍ୟା 'ଜୱାଦ'। ୪ ତାରିଖ ସଂଧ୍ୟାରୁ ୫ ତାରିଖ ସକାଳ ମଧ୍ୟରେ ଏହା ସ୍ଥଳଭାଗ ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ବାତ୍ୟା 'ଜୱାଦ'ର କୋପ ବାତ୍ୟା 'ଗୁଲାବ' ଠାରୁ ଅଧିକ ଏବଂ 'ତିତଲି' ଠାରୁ କମ୍ ରହିବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ଯେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଶୁକ୍ରବାର ପୂର୍ବାହ୍ନରେ ବାତ୍ୟାରେ ପରିଣତ ହୋଇଛି। ବାତ୍ୟା 'ଜୱାଦ' ଏବେ ବିଶାଖାପାଟଣାରୁ ୪୨୦ କିମି ଦୂରରେ ରହିଛି। ୪ ତାରିଖ ସନ୍ଧ୍ୟା ପରେ ଏହାର ଦିଗ ପରିବର୍ତ୍ତନ ହେବ। ଆଇଏମ୍ଡି ଡିଜିଙ୍କ ସୂଚନା ଅନୁଯାୟୀ, ୪ ତାରିଖ ସନ୍ଧ୍ୟାରୁ ବାତ୍ୟା ଉତର ଓ ଉତର-ପୂର୍ବ ଦିଗକୁ ମୁହାଁଇବ। ୫ ତାରିଖ ମଧ୍ୟାହ୍ନରେ ଏହା ପୁରୀ ଜିଲ୍ଲାରେ ଉପକୂଳ ନିକଟବର୍ତ୍ତୀ ହେବ। ଉପକୂଳ ନିକଟବର୍ତ୍ତୀ ହୋଇ ସମାନ ଦିଗରେ ପଶ୍ଚିମବଙ୍ଗକୁ ଅଗ୍ରସର ହେବ। ଉପକୂଳ ଛୁଇଁଲା ପରେ ଏହା କ୍ରମେ ଦୁର୍ବଳ ହେବ। ଏହା ପ୍ରଭାବରେ ଆଜି ସନ୍ଧ୍ୟାରୁ ଓଡ଼ିଶା ଉପକୂଳ ଜିଲ୍ଲା ଗୁଡ଼ିକରେ ବର୍ଷା ଆରମ୍ଭ ହୋଇଯିବ। ଆସନ୍ତାକାଲି ଉପକୂଳ ଓଡ଼ିଶାର ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ହେବ।ସେ ଆହୁରି ମଧ୍ୟ କହିଛନ୍ତି, ଆସନ୍ତାକାଲି ଅମାବାସ୍ୟା ଥିବାରୁ ବାତ୍ୟା ବେଳେ ସମୁଦ୍ରରେ ଟିକେ ଉଚ୍ଚ ଜୁଆର ଆସିବ। ନିୟମିତ ପ୍ରାୟ ୪ ମିଟର ଉଚ୍ଚ ଜୁଆର ଆସିଥାଏ। ବାତ୍ୟା ଯୋଗୁ ଏହା ଆଉ ୧ ମିଟର ବଢ଼ିବ। ତେଣୁ ପ୍ରାୟ ୫ ମିଟର ପର୍ଯ୍ୟନ୍ତ ଜୁଆର ଆସିବାର ସମ୍ଭାବନା ଥିବାରୁ ସମୁଦ୍ର ନିକଟବର୍ତ୍ତୀ ଲୋକେ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପରାମର୍ଶ ଦିଆଯାଇଛି।ବାତ୍ୟାର ପ୍ରଭାବ ପୁରୀ, ଗଞ୍ଜାମ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ଅଧିକ ରହିବ। ସେଥିପାଇଁ ଆଜି ଅପରାହ୍ନରୁ ସ୍ଥାନାନ୍ତରଣ କାର୍ଯ୍ୟ ଆରମ୍ଭ ହେବ ଓ ଆସନ୍ତାକାଲି ମଧ୍ୟାହ୍ନରେ ଶେଷ ହେବ। ବାତ୍ୟାକୁ ଦୃଷ୍ଟିରେ ରଖି ଦୁଇ ଦିନ ପାଇଁ ପିଇବା ପାଣି ସାଇତି ରଖିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।ବାତ୍ୟା 'ଜୱାଦ' ମୁକାବିଲା ନେଇ ଏନ୍ଡିଆରଏଫ୍ ପକ୍ଷରୁ ପ୍ରସ୍ତୁତ ଆରମ୍ଭ ହୋଇଯାଇଛି। ଏନ୍ଡିଆରଏଫ୍ ଡିଜି ଅତୁଲ କରୱାଲ କହିଛନ୍ତି, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗକୁ ୪୬ଟି ଏନ୍ଡିଆରଏଫ୍ ଟିମ୍ ପଠାଯାଇଛି। ଷ୍ଟାଣ୍ଡବାଏରେ ଅଧିକ ୧୮ଟି ଟିମ୍ ରଖାଯାଇଛି। ସ୍ଥଳ ବିଶେଷରେ ଏୟାରଲିଫ୍ଟର ଆବଶ୍ୟକ ପଡ଼ିଲେ ଆଇଡିଏସ୍ ବି ପ୍ରସ୍ତୁତ ରହିଛି।

## ମମିତା ମେହେର ମାମଲାକୁ ନେଇ ତୃତୀୟ ଦିନରେ ବିଧାନସଭା ଅଚଳ

ଭୁବନେଶ୍ୱର, ୩।୧୨(ପି.ଏନ): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନର ତୃତୀୟ ଦିନରେ ମଧ୍ୟ ମମିତା ମେହେର ହତ୍ୟା ମାମଲାରେ ଗୃହ ବିଭାଗର ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହଟ୍ଟଗୋଳ କାରଣରୁ ବିଧାନସଭାରେ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାମ ହୋଇ ପାରି ନାହିଁ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଦୁଇ ଥର ମୁଲତବୀ ରଖିଥିଲେ । ବାଚସ୍ପତି ପ୍ରଥମେ ୧୧.୩୦ ଯା ଏ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ନ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିବୃତି ଦେଇଥିଲେ। ଏହାପରେ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା। ଆଜି ୧୦.୩୦ଟାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। । ବାଚସ୍ପତି ସେମାନଙ୍କୁ ଏପରି ନ କରିବାକୁ ଅନୁରୋଧ କରିଥିଲେ । ହେଲେ ବିରୋଧୀ ବିଧାୟକ ମାନେ ତାଙ୍କର କଥା ଶୁଣି ନ ଥିଲେ । ତେଣୁ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରଖିଥିଲେ ।ଏହା ପରେ ୧୧.୩୦ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେତେବେଳେ ପୁଣି ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା। ବିରୋଧୀ ଦଳର ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ। ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ସମସ୍ତେ ନିଜ ଆସନକୁ ଯାଇ ସେଠାରେ ଯାହା କହିବାର ଅଛି କହନ୍ତୁ। ତାହା ରେକର୍ଡ ହେବ । ମାତ୍ର ବିରୋଧୀ ବିଧାୟକ ମାନେ ତାଙ୍କ କଥାକୁ ନ ଶୁଣି ପାଟିତୁଣ୍ଡ ଜାରୀ ରଖିଥିଲେ।

## ଦୁଇ ମାସ ପରେ ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ




ଭୁବନେଶ୍ୱର, ୩।୧୨(ପି.ଏନ): କଳାହାଣ୍ଡି ସନ୍‌ସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକୁ ପାଖାପାଖି ଦୁଇ ମାସ ବିତିଥିବା ବେଳେ ଶେଷରେ ମୁହଁ ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପ୍ରସଙ୍ଗରେ ସେ ଆଜି ବିଧାନସଭାରେ ବିବୃତି ଦେଇଛନ୍ତି। ସେ କହିଛନ୍ତି, "ଘଟଣାକୁ ଯେମିତି ରାଜନୀତିକରଣ କରାଯାଉଛି, ତାହା ମୋତେ ବ୍ୟଥିତ କରୁଛି। ପରିବାର ଲୋକଙ୍କ ନିବେଦନ ସତ୍ତ୍ୱେ ରାଜନୀତିକରଣ ଚାଲୁ ରହିଛି। ମହିଳା ଓ ସମ୍ବେଦନଶୀଳ ବର୍ଗଙ୍କୁ ନ୍ୟାୟ ପ୍ରତି ମୁଁ ସର୍ବଦା କାର୍ଯ୍ୟରତ। ବିନା ଭୟ ଓ ଦ୍ୱନ୍ଦ୍ୱରେ ପୁଲିସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ପ୍ରମାଣ ଥିଲେ ଯିଏ ହେଉନା କାହିଁକି କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି। ଦାୟିତ୍ୱରେ ଯିଏ ବି ଅବହେଳା କରିଥିବ, ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।"ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅବସରପ୍ରାପ୍ତ ଜିଲ୍ଲା ଜଜ ତଦନ୍ତ ପ୍ରକ୍ରିୟାର ତଦାରଖ କରିବେ। ହାଇକୋର୍ଟଙ୍କୁ ଏନେଇ ଅନୁରୋଧ କରିଥିଲେ ରାଜ୍ୟ ସରକାର। ନ୍ୟାୟିକ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି, ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ରହୁ। କିଛି ପ୍ରମାଣ ଥିଲେ କୋର୍ଟଙ୍କୁ ଦିଅନ୍ତୁ। ଜଣେ ସଦସ୍ୟଙ୍କୁ ଆସିବାକୁ ବାଧା ଦିଆଯାଉଛି। ଏହା ଖରାପ ପରମ୍ପରା ସୃଷ୍ଟି କରୁଛି। ବିରୋଧୀଙ୍କୁ ନିବେଦନ କରୁଛି ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ। ମମିତା ମେହେରଙ୍କୁ ନ୍ୟାୟ ଦେବାକୁ ମୋ ସରକାର ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ବିବୃତିରେ କହିଛନ୍ତି ।ସେପଟେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ନେଇ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଛନ୍ତି, ମମିତାଙ୍କ ଚରିତ୍ର ସଂହାର ବିରୋଧୀ ନୁହଁନ୍ତି, ରାଜ୍ୟ ସରକାର କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଯାହା ପଢୁଛନ୍ତି ତାହା ବୁଝିନାହାନ୍ତି ବା ମିଥ୍ୟା କହୁଛନ୍ତି। ଚକ୍ରାନ୍ତକାରୀଙ୍କୁ ସୁରକ୍ଷା ଦେବାକୁ ସେ ଉଦ୍ୟମ କରୁଥିବା ତାଙ୍କ ବକ୍ତବ୍ୟରୁ ପ୍ରମାଣିତ ହେଉଛି। ପରୀ ଘଟଣାରେ ୫ଓଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଚିଠି କରିଥିଲେ। ଏବେ ପଛଘୁଞ୍ଚା କାହିଁକି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ସନ୍‌ସାଇନ୍‌ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ୍ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେକୁ ଗିରଫ କରିଛି। ତେବେ ଏହି ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆସିବା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଖଡ୍‌ଗ ହସ୍ତ ହୋଇଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବିରେ ରାଜରାସ୍ତାରେ ହୋ-ହଲ୍ଲା କରୁଛନ୍ତି ବିଜେପି ଓ କଂଗ୍ରେସ। ହେଲେ ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ସେପଟେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବିଧାନସଭା ଭିତରେ ପ୍ରବେଶ କରିବାକୁ ଦେବେ ନାହିଁ ବୋଲି ବିରୋଧୀ ପୂର୍ବରୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ ?ଟେନ୍ ? ଦିବ୍ୟଶଙ୍କର ମିଶ୍ର ବିଧାନସଭାକୁ ଆସିଥିଲେ। ଯାହାକୁ ବିରୋଧୀ ବିରୋଧ କରି ଗୃହ ମଧ୍ୟ ଭାଗକୁ ଆସି ହୋ-ହଲ୍ଲା କରିଥିଲେ। ଗତକାଲି ବିଜେପି ବିଧାୟକମାନେ ଗୃହ ମଧ୍ୟ ଭାଗକୁ ଆସି କଳା ଗାମୁଛା ଦେଖାଇ ପ୍ରତିବାଦ କରିଥିଲେ। ଆଜି ମଧ୍ୟ ମନ୍ତ୍ରୀଙ୍କୁ ବିରୋଧ କରିଥିଲେ କଂଗ୍ରେସ ଓ ବିଜେପି ବିଧାୟକ। ବିଧାୟକଙ୍କ ବିରୋଧ ଯୋଗୁ ଗୃହ ଚାଲି ପାରିନଥିଲା। ଯେଉଁଥିପାଇଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୂଲତବି ରଖିଥିଲେ ବାଚସ୍ପତି। ଅପରାହ୍ନରେ ଗୃହ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ବିବୃତି ରଖିଛନ୍ତି।

## ଭଗବାନ କରଙ୍କର ଦେହାନ୍ତ




ଦାନଗାଦି, ୩।୧୨(ପି.ଏନ): ଦାନଗଦିର ଶ୍ରୀ ଭଗବାନ୍ କର ୮୧ ବର୍ଷ ବୟସରେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ପତ୍ନୀ ଲକ୍ଷ୍ମୀପ୍ରିୟା କର, ଚାରି ପୁଅ ସପନ, ଖୋକନ୍, ଟୁକୁନା, ବବୁଲୁ, ବୋହୂ - ଗାୟତ୍ରୀ, ସିପି, ଭାରତୀ, ଲିପ୍ସା, ନାତି - ଚଗୁ, କାହ୍ନା, ଗୁଡ୍ଡୁ, ଦେବୁ, ନାତୁଣୀ- ମୁନ୍, ଟୁଟୁଲି ଏବଂ ଆତ୍ମୀୟ ପରିବାରବର୍ଗଙ୍କୁ ଶୋକ ସାଗରେ ଭସାଇ ଇହଲୀଳାସମ୍ବରଣ କରିଛନ୍ତି। ଓଡ଼ିଶା ଖଣି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଭାବେ ଅବସର ଗ୍ରହଣ କରିବା ପରେ ନିଜକୁ ଧାର୍ମିକ, ସାମାଜିକ ଓ ଜନହିତକର କାର୍ଯ୍ୟରେ ନିୟୋଜିତ କରି ଆସୁଥିଲେ। ସୁକିନ୍ଦା ବିଧାୟକ ଶ୍ରୀ ପ୍ରୀତିରଜନ ଘଡ଼େଇ,ପର୍ଯ୍ୟବେକ୍ଷକ୍ ଏବଂ ଦି କଳିଙ୍ଗ କ୍ରୋନିକିଲ୍ ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଏବଂ ଭୁବନେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ସମ୍ମାନ ଜଣାଇଥିଲେ। ଶବକୁ ତାଙ୍କର ଶେଷ ଦର୍ଶନ ପାଇଁ ତାଙ୍କ ଜନ୍ମସ୍ଥାନ ଦାନଗଦିକୁ ନିଆଯାଇଥିଲା ଏବଂ ଯାଜପୁର ଟାଉନର ଦସାଶ୍ୱମେଧ ଘାଟରେ ଶବ ସତ୍କାର କରାଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ସନ୍ତପ୍ତପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ବାତ୍ୟା ପାଇଁ ସରକାରୀ କର୍ମଚାରୀଙ୍କ ରବିବାର ଛୁଟି ବାତିଲ୍

ଭୁବନେଶ୍ୱର, ୩।୧୨(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଆସନ୍ତା ରବିବାର ଦିନ ସାପ୍ତାହିକ ଛୁଟିକୁ ବାତିଲ୍ କରାଯାଇଛି। ସମସ୍ତ କର୍ମଚାରୀଙ୍କୁ ହେଡକ୍ୱାଟରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଛୁଟିରେ ଥିବା କର୍ମଚାରୀଙ୍କୁ ଛୁଟି ବାତିଲ୍ କରି ଫେରିଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି)ଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ସମ୍ଭାବ୍ୟ ବାତ୍ୟା ଜ୍ୱବାଦ ମୁକାବିଲା ନେଇ ଜିଲ୍ଲା ପ୍ରଶାସନ ତତ୍ପର

### - ବାସୁଦେବପୁର ବ୍ଲକ୍ ତଳିଆ ଅଞ୍ଚଳ ବୁଲି ପ୍ରସ୍ତୁତି ତଦାରଖ କଲେ ଜିଲ୍ଲାପାଳ - ୪ ତାରିଖ ଦିନ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ସ୍ଥଗିତ




ଭଦ୍ରକ, ୩।୧୨(ପି.ଏନ) :ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବଙ୍ଗୋପସାଗର ଉପର ଦେଇ ଆସୁଥବା ସମ୍ଭାବ୍ୟ ବାତ୍ୟା ଜ୍ୱବାଦ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶମତେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ନେଇ ସଂପୃକ୍ତ ସମସ୍ତ ଲାଇନ୍ ଡ଼ିପାର୍ଟମେଣ୍ଟରେତତ୍ପରତା ପ୍ରକାଶ ପାଇଛି । ନିଜେ ଜିଲ୍ଲାପାଳ ଆଜି ବାସୁଦେବପୁର ବ୍ଲକ୍ ଗସ୍ତ କରି ସମୁଦ୍ର କୂଳିଆ ଏବଂ ତଳିଆ ଅଞ୍ଚଳ ସବୁ ବୁଲି ଦେବା ସହିତ ଲୋକ ସ୍ଥାନାନ୍ତର ପାଇଁ ବାତ୍ୟାଶ୍ରୟ, ସ୍କୁଲଘର ଆଦିର ପ୍ରସ୍ତୁତିକୁ ତଦାରଖ କରିଥିଲେ ।ଜିଲ୍ଲାଗ୍ରାମ୍ୟ ଜନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅନ୍ୟ ଅଧିକାରୀ ଜନପ୍ରତିନିଧି ମାନେ ମଧଜିଲ୍ଲାପାଳଙ୍କ ସହିତ ଉପସ୍ଥିତ ଥିଲେ । ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ 'ଶୂନ' କାଜୁଆଲଟିକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଓ କାର୍ଯ୍ୟକାରୀତା ନେଇ ଜିଲ୍ଲାପାଳ ନିୟୋଜିତ ଅଧିକାରୀ କର୍ମଚାରୀ ମାନଙ୍କୁ ପଚାରି ବୁଝିଥିଲେ । ଆଜି ଜିଲ୍ଲାକାର୍ଯ୍ୟାଳୟଠାରେ ପହଞ୍ଚିଥିବା ହାବିଲଦାର ମେଜର ପି.କେ ଦେହୁରିଙ୍କ ନେତୃତ୍ୱରେ ୨୧ ଜଣିଆ ୬ଷ୍ଠ ବାଟାଲିୟନ୍‌ଓ ଏସ୍. ଏ.ପି. କଟକର ଓଡ଼ରାଫ ଟିମକୁ ବାସୁଦେବପୁରକୁ ପଠାଯାଇଛି । ତାଙ୍କୁ ଯୋଗାଯୋଗ କରିବା ନମ୍ବର ୮୨୪୯୮୦୮୯୫୬/ ୯୮୬୧୫ ୧୬୭୫୧ । ସେହିପରି ଇନିସ୍ ?ପେକ୍ଟର ଏକ୍ ?ଜିକ୍ୟୁଟିଭ ଅମିତ୍ ଗୁପ୍ତାଙ୍କ ନେତୃତ୍ୱରେ ୨୦ ଜଣିଆ ତୃତୀୟ ବାଟାଲିୟନ୍ ମୁଣ୍ଡୁଳି, କଟକର ଏନ୍.ଡ଼ି.ଆର୍.ଏଫ୍, ଚାନ୍ଦବାଲି ବ୍ଲକର ଧାମରାକୁ ପଠାଯାଇଛି । ତାଙ୍କର ଯୋଗାଯୋଗ ନମ୍ବର ୯୪୩୮୭୦୯୮୫୬ । ତେବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବଣ୍ଟନକରାଯାଇଥିବା ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମକୁ ବାତ୍ୟାପାଇଁ ୪ ତାରିଖ ଦିନ ସ୍ଥଗିତ ରଖୁବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଦତ୍ତ ସୂଚନା ମତେ ଗତ ତା. ୨.୧୨.୨୦୨୧ ରିଖ ସୁଦ୍ଧା ଜିଲ୍ଲାର ଗ୍ରାମାଞ୍ଚଳରେ ସମୁଦାୟ୭୪,୮୨୯ କାର୍ଡ଼ ବଣ୍ଟନ କରାଯାଇଥିଲା ବେଳେ ସହରାଞ୍ଚଳରେ ୬,୮୯୬ ଟି କାର୍ଡ଼ ବଣ୍ଟାଯାଇଛି । ଭଦ୍ରକ ଓବାସୁଦେବପୁର ମ୍ୟୁନିସିପାଲଟି, ଧାମନଗର ଓ ଚାନ୍ଦବାଲି ଏନ୍.ଏ.ସି.ର ସମୁଦାୟ ୭୯ ଟି ୱାର୍ଡ ପାଇଁ ୪୬ଟି ବଣ୍ଟନକେନ୍ଦ୍ର ଖୋଲାଯାଇଛି ଏବଂ ଗ୍ରାମାଞ୍ଚଳରେ ୨୧୮ ଟି ଗ୍ରାମପଞ୍ଚାୟତ ପାଇଁ ୨୩୨ଟି ବଣ୍ଟନ କେନ୍ଦ୍ର ଖୋଲାଯାଇଛି ।


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୪**

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ମା ରମାଦେବୀ



ମାନବ ସେବାହିଁ ମାଧବ ସେବା, ଯାହାର ଜୀବନର ମୂଳମନ୍ତ୍ର ଥିଲା, ଧମନୀରେ ପ୍ରବାହିତ ଶୋଣିତର ପ୍ରତ୍ୟେକ ବିନ୍ଦୁରେ ଯାହାର ସେବାର ଫଲ୍‌ଗୁ ବହୁଥିଲା, ଦୁଃଖୀରଙ୍କଙ୍କ କଷ୍ଟ ଦର୍ଶନମାତ୍ରେ, ଯାହାର ଚକ୍ଷୁ ହେଉଥିଲା ଲୋତକପ୍ଲାବିତ, ପରାଧୀନ ଦେଶମାତୃକାକୁ ଶୃଙ୍ଖଳ ମୁକ୍ତ କରିବା ନିମନ୍ତେ ଯାହାର ରକ୍ତରେ ଉଷ୍ମତା ବୃଦ୍ଧିପ୍ରାପ୍ତ ହେଉଥିଲା, ଯାହାର ଅଗ୍ନିବର୍ଷୀ ବକ୍ତବ୍ୟ, ସେକାଳର କୁଳୀନ ମହିଳାମାନଙ୍କର ମନରେ ଭରିଦେଇଥିଲା, ସ୍ୱାଧୀନତା ସଂଗ୍ରାମର ପ୍ରଚଣ୍ଡ ପ୍ରଜ୍ୱଳିତ ବହ୍ନିରେ ଝାସ ଦେବାର ପ୍ରେରଣା, ସେ ଥିଲେ ଓଡିଶାର ପୁରପଲ୍ଲୀର ସମସ୍ତଙ୍କର ଅତିପ୍ରିୟ ମା ରମାଦେବୀ। ଉତ୍କଳଗୌରବ ମଧୁସୂଦନ ଦାଶଙ୍କ କନିଷ୍ଠ ଭ୍ରାତା ଗୋପାଳବଲ୍ଲଭ ଦାସଙ୍କ ଔରସରୁ ଏବଂ ମାତା ବସନ୍ତ କୁମାରୀଙ୍କ ଦ୍ୱିତୀୟ ଗର୍ଭରୁ ୧୮୯୯ ମସିହା ଡିସେମ୍ବର ମାସ ୩ ତାରିଖ ଦିନ ଜାତ ହୋଇଥିଲା ଏକ କନ୍ୟାରତ୍ନ। ପିଲାଦିନରୁ ଅତି ଗେଲବସରରେ ବଢୁଥିବା ଝିଅଟିକୁ, ପରିବାରର ଲୋକେ ଶ୍ରଦ୍ଧାରେ "ବେଲୁ" ନାମରେ ଡାକୁଥିଲେ। ପିତାମାତାଙ୍କର ସତ୍‌ଚରିତ୍ର ଏବଂ ସଚ୍ଚୋଟତା ଦ୍ୱାରା ଦୁଇ ଭଉଣୀ ଉମା ଓ ରମା ବିଶେଷ ଭାବରେ ପ୍ରଭାବିତ ହୋଇପାରିଥିଲେ। ପିଲାଟି ଦିନରୁ ମାଆଙ୍କ ପାଖରୁ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୀବନୀ ଏବଂ କାର୍ଯ୍ୟଧାରା ଶ୍ରବଣ କରି କରି, ତାଙ୍କ ମନରେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବାର ଇଚ୍ଛା ଅଙ୍କୁରିତ ହୋଇଥିଲା। ୧୯୧୪ ମସିହା ନଭେମ୍ବର ମାସ ୧୧



ତାରିଖ ଦିନ, ତାଙ୍କୁ ଯେତେବେଳେ ମାତ୍ର ୧୫ ବର୍ଷ ବୟସ ହୋଇଥିଲା, ଖେରସର ଗୋକୁଳାନନ୍ଦ ଚୌଧୁରୀଙ୍କ ଜ୍ୟେଷ୍ଠପୁତ୍ର, ଗୋପବନ୍ଧୁ ଚୌଧୁରୀଙ୍କ ସହିତ ସେ ବିବାହବନ୍ଧନରେ ଆବଦ୍ଧ ହୋଇଯାଇଥିଲେ। ୧୯୨୦ ମସିହାରେ ନାଗପୁରଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଅଧିବେଶନରେ ଓଡିଶାରୁ ଗୋପବନ୍ଧୁ ଦାଶ ପ୍ରତିନିଧିତ୍ୱ କରିଥିଲେ। ସେଠାରୁ ଫେରି ସେ କଟକ କାଠଯୋଡି ନଦୀକୂଳରେ ଏକ ସଭାର ଆୟୋଜନ କରିଥିଲେ। ସେତେବେଳକୁ ତାଙ୍କ ଶ୍ୱଶୁରଙ୍କ ଦେହାନ୍ତ ହୋଇଯାଇଥିବାରୁ, ରକ୍ଷଣଶୀଳ ପରିବାରର ଶାଶୁଙ୍କଠାରୁ ବହୁକଷ୍ଟରେ ଅନୁମତି ପାଇ ସେ ସଭାରେ ଯୋଗଦାନ କରିବା ପରେ, ଗୋପବନ୍ଧୁ ଦାଶଙ୍କ ଭାଷଣରେ ପ୍ରଭାବିତ ହୋଇ, ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବାର ତାଙ୍କର ଅଙ୍କୁରିତ ଇଚ୍ଛା, କ୍ରମେ ପଲ୍ଲବିତ ହୋଇଥିଲା। ଏବଂ ସେହିଦିନ, ସେ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବେ ବୋଲି ସ୍ଥିର ନିଷ୍ପତି କରିଥିଲେ। ୧୯୨୧ ମସିହାରେ ଗାନ୍ଧିଜୀ ପ୍ରଥମଥର ପାଇଁ ଓଡିଶା ଆସିଥିଲେ ଏବଂ ବିନୋଦବିହାରୀ ମନ୍ଦିରରେ ଆୟୋଜିତ ମହିଳାମାନଙ୍କର ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିଲା। ରମାଦେବୀ ସେ ସଭାରେ ଉପସ୍ଥିତ ରହି, ଗାନ୍ଧିଜୀଙ୍କ ଆହ୍ୱାନରେ ଏତେମାତ୍ରାରେ ଅନୁପ୍ରାଣିତ ହୋଇଯାଇଥିଲେ ଯେ, ସେହିବର୍ଷ ସେ ସ୍ୱାମୀଙ୍କ ସହିତ, ପ୍ରତ୍ୟକ୍ଷ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ। ଗାଁକୁ ଗାଁ ବୁଲି, ସେ ମହିଳାମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ପ୍ରବର୍ତାଇଥିଲେ। ତା' ପରେ ପରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ଖଦୀବସ୍ତ୍ର ବ୍ୟବହାର ଆରମ୍ଭ କରିଦେଇଥିଲେ। ପ୍ରାଚୁର୍ଯ୍ୟତା ଭିତରେ ଥାଇ ବି, ସମସ୍ତ ଭୋଗବିଳାସକୁ ତ୍ୟାଗ କରି, ପରିବାରର ସମସ୍ତ ସଦସ୍ୟଙ୍କୁ ଖଦୀ ପିନ୍ଧାଇବାରେ ସକ୍ଷମ ହେବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ମନରେ ବିଦେଶୀ ବସ୍ତ୍ର ବର୍ଜନର ଚିନ୍ତନକୁ ଦୃଢ କରାଇ ପାରିଥିଲେ। ୧୯୩୦ ମସିହାରେ ସେ ମାଳତୀଦେବୀ, ପ୍ରାଣକୃଷ୍ଣ ପଢିହାରୀ, କିରଣବାଳା ସେନ୍ ପ୍ରଭୃତି ସତ୍ୟାଗ୍ରହୀମାନଙ୍କ ସହିତ, ଓଡିଶାର ଇଂଚୁଡି ଓ ଶ୍ରୀଜଙ୍ଗଠାରେ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ। ସେତେବେଳେ ପ୍ରଦେଶ କଂଗ୍ରେସ ସଭାପତି ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ମାଳତୀଦେବୀଙ୍କ ପରି ନେତୃବୃନ୍ଦ ବନ୍ଦୀ ହେବାପରେ, ରମାଦେବୀ ଆନ୍ଦୋଳନର ନେତୃତ୍ୱ ନେବାପାଇଁ ମନୋନିତ ହୋଇଥିଲେ। ପୋଲିସ ତାଙ୍କୁ ମଧ୍ୟ ନଭେମ୍ବର ମାସ ୬ ତାରିଖ ଦିନ କଟକରୁ ଗ୍ରେପ୍ତାର କରି ଭାଗଲପୁର ଜେଲ୍‌ରେ ରଖାଇଥିଲେ। ବିଭିନ୍ନ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ତାଙ୍କୁ ଅନେକ ଥର କାରାବରଣ କରିବାକୁ ପଡିଥିଲା। ପିଲାଦିନରୁ ଜମିଦାର ପରିବାରରେ ଜନ୍ମଗ୍ରହଣ କରି, ଅଳିଅଳରେ ବଢି ଆସିଥିବା ରମାଦେବୀ, ସପରିବାରେ ଜଗତସିଂହପୁର ଅଳକା ଆଶ୍ରମରେ ଅନ୍ତେବାସୀ ରୂପେ, ସାଧାରଣ ଲୋକଙ୍କ ପରି ଅତ୍ୟନ୍ତ ସରଳ ଜୀବନଯାପନ କରିବା ସହିତ, ସ୍ୱଦେଶୀ ବସ୍ତ୍ର ଖଦୀ ବ୍ୟବହାର କରିବା ନିମନ୍ତେ, ଲୋକମାନଙ୍କ ମନରେ ଜାଗରଣ ସୃଷ୍ଟି କରିଥିଲେ। ୧୯୩୨ରେ ହଜାରୀବାଗ୍ ଜେଲରୁ ମୁକ୍ତି ପାଇବା ପରେ, ହରିଜନ ମଙ୍ଗଳ ନିମନ୍ତେ, ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ "ଅସ୍ପୃଶ୍ୟତା ନିବାରଣ ସମିତି"ର ପରିଚାଳନା ଦାୟିତ୍ୱରେ ରହି, ଛୁଆଁଅଛୁଆଁ ଭେଦଭାବର ବିଲୋପ ନିମନ୍ତେ ପ୍ରଗାଢ ପ୍ରଚେଷ୍ଟା କରିଥିଲେ। ପରବର୍ତୀ ପର୍ଯ୍ୟାୟରେ ଏହି ଅନୁଷ୍ଠାନଟି "ହରିଜନ ସେବାସଂଘ" ନାମରେ ନାମିତ ହୋଇଥିଲା। ତା'ପରେ ସେ ବରିଠାରେ ଏକ ଆଶ୍ରମ ସ୍ଥାପନା କରିଥିଲେ, ଯାହାକୁ ଗାନ୍ଧିଜୀ "ସେବାଘର" ନାମରେ ନାମିତ କରିଥିଲେ। ଦେଶ ସ୍ୱାଧୀନ ହେବାପରେ ୧୯୪୭ରେ ସେ ଆଚାର୍ଯ୍ୟ ବିନୋବା ଭାବେଙ୍କ "ଭୂଦାନ ଓ ଗ୍ରାମଦାନ" କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ୧୯୫୨ ବେଳକୁ ସେ ତାଙ୍କ ସ୍ୱାମୀଙ୍କ ସହିତ ରାଜ୍ୟରେ ୪୦୦୦ କିଲୋମିଟର ପଦଯାତ୍ରା କରି, ଗରିବ ଓ ଭୂମିହୀନଙ୍କ ନିମନ୍ତେ ଜମି ଏବଂ ଅର୍ଥ ଯୋଗାଡ ନିମନ୍ତେ ଧନୀଲୋକମାନଙ୍କୁ ପ୍ରଭାବିତ କରାଇବାରେ ସଫଳ ହୋଇଥିଲେ। ରାମଚନ୍ଦ୍ରପୁରଠାରେ ଏକ ଶିକ୍ଷକ ତାଲିମ କେନ୍ଦ୍ର ଏବଂ ବାଲବାଡି ପ୍ରତିଷ୍ଠା କରାଇଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ଉତ୍କଳ ଖଦୀମଣ୍ଡଳ ଗଠନରେ ମଧ୍ୟ ସହାୟତା କରିଥିଲେ। ୧୯୫୦ରେ ସେ ଡୁମୁରୁଗେଡାଠାରେ ଏକ ଆଦିବାସୀ ମଙ୍ଗଳ ସମିତି ଗଠନ କରି, ଜନଜାତିଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ କରିଥିଲେ। ମରୁଡି ସମୟରେ କୋରାପୁଟରେ ରିଲିଫ ପ୍ରଦାନ, ୧୯୬୨ ଭାରତ-ଚୀନ ଯୁଦ୍ଧର ଆହତ ସୈନିକମାନଙ୍କ ସେବା ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ। ମହିଳା ଓ ଶିଶୁମାନଙ୍କର ଉନ୍ନତିକଳ୍ପେ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ୧୯୮୧ ମସିହା ନଭେମ୍ବର ମାସ ୪ ତାରିଖ ଦିନ, ତାଙ୍କୁ "ଯମୁନାଲାଲ ବଜାଜ ଫାଉଣ୍ଡେସନ" ତରଫରୁ ସମ୍ମାନିତ କରାଯାଇଥିଲା। ୧୯୮୪ ଏପ୍ରିଲ ୧୬ ତାରିଖ ଦିନ, ତାଙ୍କର ସେବାକାର୍ଯ୍ୟ ନିମନ୍ତେ, ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ରାଜ୍ୟର ପୂର୍ବାଂଚଳରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ତାଙ୍କରି ନାମରେ ନାମିତ। ପ୍ରକୃତିର ନିଷ୍ଠୁର ସତ୍ୟାନୁଯାୟୀ, ୧୯୮୫ ମସିହା ଜୁଲାଇ ମାସ ୨୧ ତାରଖ ରାତି ଦୁଇଟା ସମୟରେ, ସେ ଶେଷନିଦ୍ରାରେ ଶୋଇଗଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କର ଶେଷକୃତ୍ୟ କଟକର ଖାନନଗର ଶ୍ମଶାନରେ ସମ୍ପନ୍ନ କରାଗଲା। ସେବାକ୍ଷେତ୍ରରୁ ଏକ ଉଜ୍ଜ୍ୱଳ ତାରକା ସବୁଦିନ ପାଇଁ ଅସ୍ତମିତ ହୋଇଗଲା।

**ପ୍ରଦୀପ୍ତ କୁମାର ଆଚାର୍ଯ୍ୟ,** ଇଶାଣୀବ୍ରହ୍ମପୁର, କଟକ, ମୋ-୬୩୭୧୫୯୩୨୨୦

# ସେବାରେ ଭାରତୀୟ ନୌସେନା

••••••••••ବିପିନବିହାରୀ ମହାନ୍ତି••••••••••

ଭାରତ ଏକ ବିଶାଳ ଦେଶ । ଏହାର ପଶ୍ଚିମ, ଦକ୍ଷିଣ ଓ ପୂର୍ବପଟେ ଯଥାକ୍ରମେ ଆରବସାଗର, ଭାରତ ମହାସାଗର ଓ ବଙ୍ଗୋପସାଗର ବେଷ୍ଟିତ । ପଶ୍ଚିମ-ଉତ୍ତରକୁ ପାକିସ୍ତାନ, ବେଲୁଚିସ୍ଥାନ ଏବଂ ଆଫଗାନିସ୍ଥାନ ଇତ୍ୟାଦି ଦେଶ, ଉତ୍ତର ପଟେ ସୁଦୀର୍ଘ ଏବଂ ଆକାଶଛୁମ୍ବୀ ହିମାଳୟ ପର୍ବତଶ୍ରେଣୀ ଏବଂ ଉତ୍ତର-ପୂର୍ବକୁ ଲମ୍ବିଛନ୍ତି ଯଥାକ୍ରମେ, ନେପାଳ, ଭୁଟାନ୍, ତିବ୍ବତ, ଚୀନ୍ ଓ ମିଆଁମାର । ଏହାର ପୂର୍ବପଟେ ବଙ୍ଗୋପସାଗର କୂଳରେ ଏବଂ ଭାରତ ସହବନ୍ଧିତ ହୋଇଅଛି ବଙ୍ଗଳାଦେଶ ଏବଂ ବଙ୍ଗୋପସାଗର-ଭାରତ ମହାସାଗର ଦ୍ୱିସନ୍ଧିରେ ଅଛି ଶ୍ରୀଲଙ୍କା । ମୁଣ୍ଡ ଉପରେ ପରିବ୍ୟାପ୍ତ ଆକାଶ । ଏତେବଡ଼ ବିଶାଳ ଭୂଖଣ୍ଡକୁ ଯାହା ଉପର ବର୍ଣ୍ଣିତରୁ ଜାଣିଲେ ଶତ୍ରୁ ପକ୍ଷର ଧମକ ସବୁଦିଗରୁ ସଦାବେଳେ ଅଛି । ବିଶେଷକରି ଏହା ସ୍ୱାଧୀନତା ପରଠୁ ଆମର ନିରାପତ୍ତା ଓ ସାର୍ବଭୌମତ୍ୱ ପ୍ରତି ବେଶ୍ ସଚେତନତା ସୃଷ୍ଟି କରାଇଛି ।



ଭାରତ ତାହାର ବହିଃଆକ୍ରମଣରୁ ସୁରକ୍ଷା ନିମନ୍ତେ ସାମରିକବାହିନୀ ରଖିଛି । ଏହି ସାମରିକ ବାହିନୀ ୧ ଏପ୍ରିଲ ୧୯୫୫ଠାରୁ ସ୍ୱତନ୍ତ୍ର ଭାବେ ତିନିଭାଗ ହୋଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଆମକୁ ନିରାପତ୍ତା ଦିଅନ୍ତି । ଏହି ତିନିଭାଗ ହେଲା: ସ୍ଥଳବାହିନୀ, ଆକାଶବାହିନୀ ଏବଂ ନୌବାହିନୀ ।

ଏହି ତିନିବାହିନୀ ମୁଖ୍ୟ ହେଉଛନ୍ତି ଭାରତର ରାଷ୍ଟ୍ରପତି ଯିଏକି କମାଣ୍ଡର ଇନ୍ ଚିଫ୍ । ତାଙ୍କ ତଳକୁ ଅଛନ୍ତି ତିନିବାହିନୀର ତିନି ସେନା ମୁଖ୍ୟ । ପ୍ରତ୍ୟେକ ମୁଖ୍ୟ ତାଙ୍କ ବିଭାଗ ପାଇଁ ଦାୟୀ ରୁହନ୍ତି । ନୌସେନାର ମୁଖ୍ୟ ହେଉଛନ୍ତି ଆଡମିରାଲ ଲେଫ୍‌ଟନାଣ୍ଟ କମାଣ୍ଡର । ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ୧୭ ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀ ଭୋନସଲଙ୍କୁ ଆମେ ନୌବାହିନୀର ଜନକ ଆଖ୍ୟା ଦେଉଛୁ ।

ଭାରତର ନୌବାହିନୀର ମୁଖ୍ୟ କର୍ତ୍ତବ୍ୟ ହେଉଛି ଆମକୁ ସମୁଦ୍ର ପକ୍ଷରୁ ଆକ୍ରମଣରୁ ସୁରକ୍ଷା ଦେବା ତଥା ତଟରକ୍ଷୀ ରୂପେ ଦାୟିତ୍ୱ ତୁଲାଇବା । ଏସବୁ ଯୁଦ୍ଧ ସୁରକ୍ଷା ଓ ନିରାପତ୍ତା ସଂପର୍କିତ । ଏହା ସହିତ ବିଭିନ୍ନ ବିଦେଶୀ ବଳର ପରିଦର୍ଶନ ଓ ସେମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି ସଂପର୍କର ସେତୁ ପରି କାର୍ଯ୍ୟ କରିବା, ଅନ୍ତର୍ଦେଶୀୟ ନୌସେନା ସହିତ ସମରଭ୍ୟାସ କରିବା, ପ୍ରାକୃତିକ ବିପର୍ଯ୍ୟୟ ବେଳେ ମାନବୀୟ ବିପତ୍ତିକାଳୀନ ସେବା ଓ ସହାୟତା ଦେବା, ସମୁଦ୍ର ମଧ୍ୟରେ ବିପଦଗ୍ରସ୍ଥ ବିମାନ ବା ପାଣି ଜାହାଜ ଇତ୍ୟାଦିକୁ ଖୋଜିବା ବା ଉଦ୍ଧାର କରିବା ତଥା ଆବଶ୍ୟକ ବେଳେ ଅନ୍ୟ ଦେଶର ସାହାଯ୍ୟରେ ଛିଡ଼ା ହେବା ବି ଏହାର ଧର୍ମ ।

ଏବେ ପ୍ରଗତିପଥେ ଭାରତର ନୌସେନା । ଏକ ଆକଳନରୁ ଜଣାଯାଏ ଯେ ଏବେ ଏହାର କର୍ମଚାରୀ ସଂଖ୍ୟା ୫୮,୩୫୦, ଉଡ଼ାଜାହାଜମାନଙ୍କୁ ବହନ କରିପାରୁଥିବା ବିରାଟ ଯୁଦ୍ଧ ପୋତ ଗୋଟିଏ (ଏୟାର କ୍ରାଫ୍‌ଟ କ୍ୟାରିୟର), ଗୋଟିଏ ବିରାଟ ପରିବହନକାରୀ ପୋତ (ଟ୍ରାନ୍ସପୋର୍ଟ ଡକ୍), ୧୫ଟି ଦ୍ରୁତଗାମୀ ନୌସେନା ଜାହାଜ (ଫ୍ରିଗେଟ୍‌ସ), ୮ଟି କ୍ଷେପଣାସ୍ତ୍ର ବିଧ୍ୱଂସକାରୀ ପୋତ (ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର), ୨୪ ଗୋଟି ପଥପ୍ରଦର୍ଶକ କ୍ଷୁଦ୍ର ନୌସେନା ଯୁଦ୍ଧ ଜାହାଜ (କର୍ଭେଟିଜ), ୧୩ଟି ପରମ୍ପରାଗତ ବୁଡ଼ାଜାହାଜ (କନ୍‌ଭେନ୍‌ସନାଲ୍ ସବମେରିନ୍); ଗୋଟିଏ ଆଣବିକ ଆକ୍ରମଣକାରୀ ବୁଡ଼ାଜାହାଜ(ନିଉକ୍ଲିୟର ଅଟାକସନ୍ ମେରିନ୍), ୩୦ ଗୋଟି ତଟ ଜଗୁଆଳୀ ଜାହାଜ (ପାଟ୍ରୋଲ ଭେସେଲ; ୭ଟି ପ୍ରତ୍ୟାକମଣ ନୌଜାହାଜ (ମାଇନ କାଉଣ୍ଟର ମିଜର ଭେସେଲସ୍) ଏବଂ ଆହୁରି ଅନେକ । ତେବେ ଏଠାରେ କେତୋଟି ଉଲ୍ଲେଖନୀୟ ନୌଜାହାଜରେ ଶକ୍ତି ସଂପର୍କରେ ଉପସ୍ଥାପନା କଲୁ ।

**ଆଇଏନ୍‌ଏସ୍ ବିକ୍ରମାଦିତ୍ୟ:** ସମୁଦ୍ରରେ ଚଳନ୍ତା ଅଭେଦଦୁର୍ଗ ଭାବେ ଏହା ବିବେଚିତ । ଏହାର ଲମ୍ବ ୨୮୩.୫ ମିଟର, ଉଚ୍ଚତା ୨୦ ମହଲା, ଓଜନ ୪୪.୫୦୦ ଟନ୍ । ଏଥିରେ ଏକ ସମୟରେ ୩୦ଟି ଯୁଦ୍ଧ ବିମାନ ରହିପାରିବେ । ଏହା ଉପରେ ମଧ୍ୟ ୬ଟି କୋମୋଭ-୩୧ ହେଲିକେପ୍ଟର ମୁତୟନ ହୋଇପାରିବ । ବିକ୍ରମାଦିତ୍ୟରେ ୬ ନଳୀ ବିଶିଷ୍ଟ ଏକେ-୬୩୦ ତୋପ, ବିପଜ୍ଜନକ ବରାକ କ୍ଷେପଣାସ୍ତ୍ର ଖଞ୍ଜା ଯାଇଛି । ଏହା ଘଣ୍ଟାକୁ ୫୬ କି.ମି ବେଗରେ ଗତି କରିଥାଏ । ନିଜର ଶକ୍ତିଶାଳୀ ରାଡ଼ାର ବ୍ୟବସ୍ଥା ଯୋଗୁଁ ନିଜ ଚାରିପଟେ ୫୦୦ କି.ମି ଅଂଚଳରେ ଏହା ଆକ୍ରମଣ କରିବାରେ ସକ୍ଷମ । ଏଥିରେ ଏକ ସମୟରେ ୧୬୦୦ରୁ ୧୮୦୦ ଯବାନ ମୁତୟନ ହୋଇପାରିବେ ।

**ଆଇଏନ୍‌ଏସ୍ ଚକ୍ର ୨:** ପରମାଣୁ କ୍ଷମତାଯୁକ୍ତ ଆଇଏନ୍‌ଏସ୍ ଚକ୍ର-୨ ନୌସେନାର ମାରାତ୍ମକ ଅସ୍ତ୍ର । ଏହି ବୁଡ଼ାଜାହାଜ ୬୦୦ ମିଟର ପର୍ଯ୍ୟନ୍ତ ସମୁଦ୍ର ତଳେ କ୍ରମାଗତ ୩ ମାସ ଯାଏଁ ରହିପାରିବ । ଏଥିରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଖଂଜାଯାଇଛି ।

**ଆଇଏନ୍‌ଏସ୍ ଅରହନ୍ତ ବୁଡ଼ାଜାହାଜ:** ଏଥିରେ ୧୨ଟି ସ୍ୱଳ୍ପ ଦ୍ରୁତଗାମୀ କେ-୧୫ କ୍ଷେପଣାସ୍ତ୍ର ଓ ୪ଟି ଦୂରଗାମୀ କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ରହିଥାଏ । ଏହା ୭୦୦ କିମିରୁ ନେଇ ୩୫୦୦ କିମି ଯାଏଁ ଆକ୍ରମଣ କରିବାକୁ ସକ୍ଷମ । ପାଣି ଭିତରୁ ପରମାଣୁ ଆକ୍ରମଣ କରିବାକୁ ଏହା ସିଦ୍ଧହସ୍ତ । ୬୦୦୦ ଟନ୍ ଓଜନ ବିଶିଷ୍ଟ ଅରିହନ୍ତ ହେଉଛି ଭାରତର ପରମାଣୁ କ୍ଷମତାସଂପନ୍ନ ବୁଡ଼ାଜାହାଜ ।

**ଆଇଏନ୍‌ଏସ୍ ବିକ୍ରାନ୍ତ:** ନୌସେନାର ବ୍ୟବହୃତ ଏହା ଏକ ଭୟଙ୍କର ମାରାତ୍ମକ ଅସ୍ତ୍ର ପ୍ରୟୋଗକାରୀ ଯୁଦ୍ଧ ଜାହାଜ । ଶତ୍ରୁପକ୍ଷକୁ ମୁକାବିଲା କରିବାରେ ଏହା ବେଶ୍ ମଜବୁତ୍ ।

ଇତିମଧ୍ୟରେ ଆଇଏନ୍‌ଏସ୍ କୋମାଭା ଏବଂ ଆଇଏନ୍‌ଏସ୍ 'କଦମାଟ' ଭାରତୀୟ ନୌବାହିନୀରେ ସାମିଲ ହୋଇଛନ୍ତି । ଏଇ ୧୬ ସେପ୍ଟେମ୍ବର ୨୦୧୭ରେ ଆଇଏନ୍‌ଏସ୍ 'କିଲତାନ୍' ମଧ୍ୟ ଭାରତୀୟ ନୌସେନାରେ ଜଳାବତରଣ କରିଛି । ଏହା ସିବାଲିକ୍ ଶ୍ରେଣୀର ଯୁଦ୍ଧ ଜାହାଜ । ଲାକ୍ଷାଦ୍ୱୀପ ଓ ମିନିକୟ ଦ୍ୱୀପର ମଧ୍ୟରେ ଥିବା ଏକ କ୍ଷୁଦ୍ର ଦ୍ୱୀପ 'କିଲତାନ' ନାମାନୁସାରେ ଏହା ନାମିତ ହୋଇଛି । ଏହା ଯେକୌଣସି ବୁଡ଼ାଜାହାଜକୁ ଧ୍ୱଂସ କରିବାରେ ସକ୍ଷମ । ଉପରୋକ୍ତ ସାମର୍ଥ୍ୟ ସୂଚାଇଦିଏ ଯେ ଭାରତ ସମୁଦ୍ରପଟୁ ଯେକୌଣସି ଆକ୍ରମଣକୁ ସାମ୍ନା କରିବାକୁ ପୂର୍ଣ୍ଣ ଦକ୍ଷତା ସହ ସମର୍ଥ ।

ଭାରତର ପାକିସ୍ତାନ ସହିତ ୪ ଥର ଯଥାକ୍ରମେ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ ମସିହାରେ ଘମାଘୋଟ ଯୁଦ୍ଧ ସଂଗଠିତ ହୋଇଛି । ତେବେ ନୌସେନା ପାଇଁ ୧୯୭୧ ପାକ୍-ଭାରତ ଯୁଦ୍ଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୪ ଡିସେମ୍ବର ୧୯୭୧ ମସିହାରେ ଭାରତର ନୌବାହିନୀ କରାଚି ବନ୍ଦର ଆକ୍ରମଣ କରି ନିଜର ଜୀବନକୁ ବାଜି ଲଗାଇ ସେଠି



ରକ୍ତର ଗଙ୍ଗା ପ୍ରବାହିତ କରାଇଦେଲେ । ଏହା ଏକ ଐତିହାସିକ ବିରଳ ଯୁଦ୍ଧ । ଏଠାରେ ସୂଚାଇଦେବାକୁ ଚାହୁଁ ଯେ କ୍ୟାପ୍‌ଟେନ୍ ମୁଲ୍ଲା ସେତେବେଳେ ଆଇଏନ୍‌ଏସ୍ ଖୁକ୍ରୀର ପୋତାଧୀଶ ଥିଲେ । ଯୁଦ୍ଧବେଳେ ଶତ୍ରୁପକ୍ଷର କମାଣରେ ଖୁକ୍ରୀରେ ଅଗ୍ନିସଂଯୋଗ ହେଲା । କ୍ୟାପ୍‌ଟେନ୍ ମୁଲ୍ଲା ସୈନିକମାନଙ୍କୁ ଜୀବନତରୀ ସାହାଯ୍ୟରେ କୂଳକୁ ପଠାଇଦେଇ ଡେକ୍‌ରେ ଜାହାଜ ଓ ନିଜେ ଜଳିବା ଯାଏଁ ସେମିତି ଅପେକ୍ଷା କରିଥିଲେ । ସେତେବେଳେ ସେ ଟାଣୁଥିଲେ ସିଗାରେଟ୍ ଆଉ ମୁଖରୁ ବାହାରୁଥାଏ 'ମେରା ଭାରତ ମହାନ୍' । ତା'ପରେ ସେ ପାଲଟିଗଲେ ମୁଠାଏ ପାଉଁଶ । ଏ ହେଉଛି ଭାରତୀୟ ନୌସେନାର ଜଣେ ସଚ୍ଚା ଦେଶପ୍ରେମୀର ଉତ୍ସର୍ଗୀକୃତ ଜୀବନର ଗାଥା ।

୧୯୭୧ର ଯୁଦ୍ଧରେ ଭାରତ ବିଜୟୀ ହେଲା । ତେବେ ସ୍ମୃତିରେ ରହିଗଲା ୪ ଡିସେମ୍ବରର ଭାରତୀୟ ନୌସେନାର ଦୁଃସାହସିକ ଯୁଦ୍ଧକଥା । ଏହାକୁ ସ୍ମରଣ କରିବାପାଇଁ ୪ ଡିସେମ୍ବର ୨୦୧୩ରେ ନୌସେନାର ୪୨ତମ ବାର୍ଷିକ ଉତ୍ସବରେ ଏକ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ସେଦିନର ସହିଦ ନୌସେନାଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା । ଏହାକୁ ସ୍ମୃତି କରିବା ପାଇଁ ଆମେ ପ୍ରତିବର୍ଷ ୪ ଡିସେମ୍ବରରେ ନୌସେନା ଦିବସ ପାଳନ କରୁ । ଏହା ହେଉଛି ସେମାନଙ୍କର ବୀରତ୍ୱ, ଦେଶପ୍ରେମ ଓ ବଳିଦାନ ପାଇଁ ଶ୍ରେଷ୍ଠ ସମ୍ମାନ ।

ଭାରତର ପଶ୍ଚିମତଟ ନୌସେନାର ମୁଖ୍ୟ କାର୍ଯ୍ୟାଳୟ ବା ନିୟନ୍ତ୍ରଣ କେନ୍ଦ୍ର ହେଉଛି ବମ୍ବେ ଏବଂ ପୂର୍ବତଟ ନୌସେନାର ନିୟନ୍ତ୍ରଣ କେନ୍ଦ୍ର ହେଉଛି ବିଶାଖାପାଟଣା । ଡିସେମ୍ବର ୪ ଅବସରରେ ସମସ୍ତ ନୌଯୁଦ୍ଧଜାହାଜ ଓ ନାବିକମାନେ ଯଥାକ୍ରମେ ସେମାନଙ୍କ ମୁଖ୍ୟକେନ୍ଦ୍ରରେ ସମବେତ ହୋଇ ଦିବସଟିକୁ ଚମତ୍କାର ଭାବରେ ଉପଭୋଗ କରନ୍ତି । ଯେଉଁମାନେ ନୌସାମରିକ ସମ୍ମାନ ପାଇବାକୁ ହକ୍‌ଦାର, ସେହିଦିନ ସେମାନଙ୍କୁ ଦିଆଯାଏ । ସେଦିନ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଓ ଶପଥ ଥାଏ: ଏକ ମଜଭୁତ୍ ରାଷ୍ଟ୍ର ପାଇଁ ନିରାପଦ ସମୁଦ୍ର ଓ ତଟଦେଶ ଥାଉ । (Safe seas & secure coasts for a strong nation)

ସେଦିନ ନୌସେନା ତରଫରୁ ତା'ର କଳ, ବଳ, ଶକ୍ତି, କୌଶଳ, କ୍ରୀଡ଼ା, କଳା, ଦକ୍ଷତା ଓ ସାମର୍ଥ୍ୟକୁ ନେଇ ନାନାପ୍ରକାର କାର୍ଯ୍ୟକ୍ରମ କରିଥାଏ । ସେଗୁଡ଼ିକୁ ଇଂରାଜୀ ଶବ୍ଦରେ ପ୍ରକାଶ କଲେ ତାହା ଏହିପରି : "Wreath laying ceremony is held at the war memorial on the beach followed by the operational demonstrations to show the potential and resourcesfulness of the naval submarines, ships, aircraft and unique forces, various air crafts are shown by flying over the beach, and spectators are requested by the authorities to keep the beach litter-free to avoid the gathering of birds which may couse hazards to aircrafts."

ଏହି ଦିନ ନୌସେନାର ଯୁଦ୍ଧ ଜାହାଜ ଏବଂ ଏୟାରକ୍ରାଫ୍‌ଟ ଇତ୍ୟାଦିକୁ ଦର୍ଶନାର୍ଥେ ଦର୍ଶକମାନଙ୍କୁ ବିଶେଷକରି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ତା' ସହିତ ସାମରିକ କାର୍ଯ୍ୟକୁଶଳତାକୁ ନେଇ ଫଟୋ/ଚିତ୍ର ପ୍ରଦର୍ଶନୀ କରାଯାଇଥାଏ । ଏହାବ୍ୟତୀତ ନୌସେନା କାର୍ଯ୍ୟାଳୟର ଆବାସିକ ବିଦ୍ୟାଳୟରେ ମଧ୍ୟ ବିଭିନ୍ନପ୍ରକାର କାର୍ଯ୍ୟକ୍ରମ ଥାଏ ।

ଓଡ଼ିଶା ନୌସେନାକୁ ନେଇ ବିଶେଷ ଗର୍ବିତ । ଏଇଥିପାଇଁ ଯେ ଏହାର ଚିଲିକାରେ ଭାରତର ଏକମାତ୍ର ନୌତାଲିମ କେନ୍ଦ୍ର ଅବସ୍ଥିତ ଏବଂ ଏଇଥିପାଇଁ ଚିଲିକା ଓ ଓଡ଼ିଶା ବିଶ୍ୱପ୍ରସିଦ୍ଧ; 'ଆଇଏନ୍‌ଏସ୍ ଚିଲିକା ନାଁ'ରେ । ପୁନଶ୍ଚ ଓଡ଼ିଶାର ସୁନାମ ଲାଗି ରମାଦେବୀଙ୍କ ନାମରେ ଏକ ରଣତରୀ ଭାରତୀୟ ନୌସେନାରେ ସାମିଲ ହୋଇଛି । ରମାଦେବୀ ହେଉଛନ୍ତି ଜଣେ ପ୍ରଖ୍ୟାତ ଯଶସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ । ଏଥିନେଇ ଓଡ଼ିଶା ନିଜକୁ ଧନ୍ୟ ମନେକରେ ।

ଦେଶସେବାରେ ନିଜକୁ ନିୟୋଜନ କରିବାରେ ଏବଂ ନିଜର ଭାଗ୍ୟକୁ ଗଢ଼ିବାରେ ନୌସେନା ଏବେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କରେ ଏନ୍‌ସିସି ଏବଂ ସ୍କାଉଟ୍ ପରି ଭାରତୀୟ ନେଭିର ପ୍ରାକ୍ ତାଲିମ ଦିଆଯାଏ । ଏ ଦେଶର ଯୁବପିଢ଼ି ଏହାର ସୁଯୋଗ ନେଇ ନିଜକୁ ଧନ୍ୟ ମନେକରିବା ଉଚିତ୍ । ନିଶ୍ଚୟ ଗାଇବି- ***"ମୋ ଦେଶ ମହାନ୍ । ଜୟ ନୌସେନା, ଜୟ ଯବାନ ।"***

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ସବୁଠାରୁ ଗରିବ ଜିଲ୍ଲାର ଆତ୍ମକାହାଣୀ

————————ଡାଃ ସୁରେନ୍ଦ୍ର ନାଥ ଦାଶ————————

ବହୁଦିନରୁ ଆତ୍ମକାହାଣୀ ଲେଖା ଅଭ୍ୟାସ ଛାଡିଗଲାଣି । ପିଲାଦିନେ ପାଠ ପଢିଲା ବେଳେ ଗୋଟାଏ ହଡା ବଳଦର ଆତ୍ମକାହାଣୀ ଲେଖୁଥିଲୁ, ଯିଏ ଜୀବନଯାକ ମାଲିକ ପାଇଁ ଖଟି ଶେଷକୁ କଂସେଇ ହାତକୁ ଯାଏ । ସେମିତି, ବଣଜଙ୍ଗଲରେ ପରିପୂର୍ଣ୍ଣ ନବରଙ୍ଗପୁର ଜିଲ୍ଲା ନିଜର ବିଶାଳ ଅରଣ୍ୟ ସମ୍ପଦ ଓ ଜଳସମ୍ପଦକୁ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରି ଆଜି ସବୁଠାରୁ ଗରୀବ ଜିଲ୍ଲାର ମାନ୍ୟତା ପାଇଛି । ଓଡିଶାର ମାନଚିତ୍ରରେ ଉତ୍ତର ପଶ୍ଚିମ ଓ ଦକ୍ଷିଣ ପୂର୍ବ କଣକୁ ଗୋଜିଆ ହୋଇ ପଶିଯାଇଥିବା ଦିଓଟି ଅଣଓସାରିଆ ଲମ୍ବା ଇଲାକାରୁ ଗୋଟିଏ ମୁଁ (ନବରଙ୍ଗପୁର) ଓ ଅନ୍ୟଟି ମୋ ଭଳି ଦୁଃଖିନୀ ମୋର ସାନଭଉଣୀ ମାଲକାନଗିରି । ଆମେ ଉଭୟ ଦାରିଦ୍ର୍ୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛୁ । ମୋର କ୍ଷେତ୍ରଫଳ ପ୍ରାୟ ୫ ହଜାର ବର୍ଗ କିମି ଓ ଜନସଂଖ୍ୟା ୧୧ଲକ୍ଷ । ଆଗରୁ ମୁଁ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ସବଡିଭିଜନ ଥିଲି । ୧୯୯୨ ମସିହାରେ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଯୋଗୁ ପାଇଲି ।

ଚିରସ୍ରୋତା ଇନ୍ଦ୍ରାବତୀ ଓ ତାର ଅସଂଖ୍ୟ ଶାଖା ଜାଲ ପରି ମୋ ଦେହରେ ବହିଯାଉଛନ୍ତି । ବର୍ଷର ବାରମାସ ପାଣି ଥାଏ । ଗୋଟାଏ ଛୋଟ ବନ୍ଧ ବାନ୍ଧି ଦେଲେ ଖରାଦିନେ ଜଳରେ ଭରିଯାଏ । ଜିଲ୍ଲାର ନାଳି ଜମିରେ ଯେତେ ଦୁର୍ଭିକ୍ଷ ପଡିଲେ ମଧ୍ୟ ଫସଲ ହୁଏ ।

ଦିନ ଥିଲା ଇନ୍ଦ୍ରାବତୀ ନଦୀ ପଠାରେ ଫସଲର ହାଟ ବସୁଥିଲା । ଆଖୁ, ଧାନ, ଧୁଆଁପତ୍ର ପନିପରିବା, ବାଦାମ, ଅଳସିରେ ବିସ୍ତିର୍ଣ୍ଣ ପଠା ଭରିଯାଉଥିଲା। ମାତ୍ର ଇନ୍ଦ୍ରାବତୀରେ ଡ୍ୟାମ ହେଲାପରେ ଏହାର ଜଳକୁ କଳାହାଣ୍ଡି ଓ ଅବଶିଷ୍ଟ ଜଳ ତେଲ ନଦୀ ଦ୍ୱାରା ମହାନଦୀ ଅବବାହିକାକୁ ଚାଲି ଯାଇଛି । ନଈ ଶୁଖିଲା ପଡିଛି । ଯୋଜନା ଆରମ୍ଭରେ ପ୍ରତିଶ୍ରୁତି ଦିଆଯାଇଥିବା ଜଳ ନବରଙ୍ଗପୁରକୁ ଆସିପାରୁନି । ଏତେ ଆଖୁ ହେଲେ ମଧ୍ୟ ଆଖୁକଳର ସୁବିଧା ନାହିଁ । ଜୁନାଗଡ ନିକଟରେ ଥିବା ଆଖୁକଳ ଅଳ୍ପଦିନ ଚାଲି ଚାଷୀଙ୍କର ଟଙ୍କା ଠକି, ମିଲ ବନ୍ଦ କରି ଫେରାର ହୋଇଯାଇଛି । ସ୍ୱାଧୀନତା ପରେ ପରେ ନବରଙ୍ଗପୁର ଠାରେ ଗୋଟିଏ ଚିନିକଳ ସ୍ଥାପିତ ହୋଇଥିଲା । ତା ଦ୍ୱାରା ତିଆରି ଈଷତ ନାଲି ଚିନି ଏବେବି ଲୋକେ ମନେରଖିଛନ୍ତି । ନବରଙ୍ଗପୁର ପାଖ ହିରିଲି ଠାରେ ମଙ୍ଗଳମ ବିରଳା ତରଫରୁ ଗୋଟେ ପ୍ଲାଇଉଡ କାରଖାନା ବସିଥିଲା । ଏହା ଥିଲା ଜିଲ୍ଲାର ଏକମାତ୍ର ବୃହତ ଶିଳ୍ପ । ଲୋକମାନେ ମଧ୍ୟ ତାକୁ କାଠ ଯୋଗାଇବା ପାଇଁ ପର୍ଯ୍ୟାପ୍ତ ନିଳଗିରି ଗଛ ଲଗାଇଲେ । କେତେବର୍ଷ ହେବ ତାହା ହଠାତ ବନ୍ଦ ହୋଇଗଲା । ଲୋକେ ଲଗାଇଥିବା ନିଳଗିରି ଗଛକୁ ସୁଦୂର ଜେକେପୁର କିମ୍ବା ବେଜୱାଡା ସହରକୁ ପଠାଉଛନ୍ତି । ସେହିଭଳି ମୋର ରାଇଘର ଅ-ଳ ର ମାଟି କପାଚାଷ (କୃଷ୍ଣ ମୃତ୍ତକା) ପାଇଁ ବିଶେଷ ଉପଯୋଗୀ । କିଛି ବର୍ଷ ତଳେ ପ୍ରଚୁର କପା ମଧ୍ୟ ହେଉଥିଲା । ଗୋଟିଏ କପା ବିଜ୍ଞାନ କେନ୍ଦ୍ର ମଧ୍ୟ କାମ କରୁଥିଲା । କପା ପାଇଁ ଉମରକୋଟଠାରେ ଏକ ପ୍ରେସିଙ୍ଗ ମିଲ ଥିଲା । ମିଲଟି ୨/୩ ବର୍ଷ ଚାଲିଲା ପରେ ବନ୍ଦ ହୋଇଗଲା ଓ ମୁଁ ଶିଳ୍ପବିହୀନ ଜିଲ୍ଲାର ମାନ୍ୟତା ପାଇଲି । କପାଚାଷ ସଂପୂର୍ଣ୍ଣ ଉଠିଗଲା । ମକାଚାଷ ପାଇଁ ମୋର ଉମରକୋଟ ପ୍ରସିଦ୍ଧ । କୁହାଯାଏ ଏସିଆର ଅଧିକ ମକା ଏଠାରେ ହେଉଥିଲା । ପୂର୍ବ ପାକିସ୍ଥାନରୁ ଆସିଥିବା ଶରଣାର୍ଥୀମାନେ ଏହା ସଫଳତାର ସହ ଆରମ୍ଭ କଲାପରେ ଜିଲ୍ଲାସାରା ବ୍ୟାପି ଗଲାଣି। ମାତ୍ର ମକାର ବ୍ୟବହାର ପାଇଁ ଅନେକ ପ୍ରତିଶ୍ରୁତି ପରେ ମଧ୍ୟ କାରଖାନାଟିଏ ବସିପାରିନି । ଫଳରେ



ଅନେକ ଚାଷୀ ଆଉ ମକା ନକରି ବିଲରେ ନିଳଗିରି ଗଛ ଲଗାଉଛନ୍ତି ।

ଆଗେ ମୋର ପ୍ରତ୍ୟେକ ଗ୍ରାମରେ କୁଟିରଶିଳ୍ପ ଲୋକଙ୍କୁ ଦାନା ଯୋଗାଉଥିଲା । ଅନେକ ମାଟି ଶିଳ୍ପ ସୁନ୍ଦର ସୁନ୍ଦର ମାଟିରେ ଦିପ, ମୂର୍ତି ତିଆରି କରୁଥିଲେ । ଚନ୍ଦାହାଣ୍ଡିର ସାଗୁଆନ କାଠରେ ତିଆରି ହାତୀ, ଗଣେଷ ଓ ଅନ୍ୟାନ୍ୟ ମୂର୍ତି ସାରା ଓଡିଶାରେ ଆଦୃତ ହେଉଥିଲା । ଅନେକ ମେହର ଓ ତନ୍ତି ସଂପ୍ରଦାୟ ଲୁଗା ବୁଣୁଥିଲେ । ପାପଡାହାଣ୍ଡିରେ ଚମଡା ଓ ମହୁ ଶିଳ୍ପ ଥିଲା । ଡାବୁଗାଁ ଝାଲିଆଗୁଡାରେ ଧାନରେ ମାଣ ଓ ମୂର୍ତିମାନ ମିଳୁଥିଲା । ଡାବୁଗାଁର ବିଜାପୁର, ଡଙ୍ଗରିଗୁଡାରେ ସିଲିଭର ତରଳାଇ ମୂର୍ତିମାନ କରୁଥିଲେ । ନବରଙ୍ଗପୁରର ଲାଖ ଶିଳ୍ପ ଭାରତରେ ବିଖ୍ୟାତ ଥିଲା । ଉମରକୋଟର ବାସିନିଠାରେ ପଥର ମୂର୍ତି ମାନ ହେଉଥିଲା । ଲୋହରାମାନେ ଲୁହାର ଘର ଉପକରଣ କରୁଥିଲେ, ଯାହା ବଜାର ଠାରୁ ଉତ୍କୃଷ୍ଟ ଥିଲା । ଭୁଲ ନୀତି ଯୋଗୁ ବଢେଇମାନେ ଧନ୍ଦା ଛାଡିଲେ । ଆମ ଲୋକମାନେ ଜଗଦଲପୁରରୁ କାଠ ଜିନିଷ କିଣି ନିଜଘର ସଜାଇଲେ । କୁଟୀର ଶିଳ୍ପମାନ ପ୍ରୋତ୍ସାହନ ଅଭାବରୁ ବନ୍ଦ ହୋଇଗଲା । ସେମାନଙ୍କ ପ୍ରୋତ୍ସାହନ ପାଇଁ ଗଢାହୋଇଥିବା ପଲ୍ଲିଶ୍ରୀ ଯୋଜନା ଶିଳ୍ପୀଙ୍କ ଅର୍ଥ ହଡପ କରି ନିଜେ ବନ୍ଦ ହୋଇଗଲା । ଛତୁ ପରି ଗଢିଉଠିଥିବା ଚାଉଳକଳମାନ କେବଳ ସରକାରୀ ଚାଉଳ ରିସାଇକେଲିଙ୍ଗ କରନ୍ତି । ବସ୍ତାଏ ଚାଉଳ ବଜାରକୁ ଛାଡନ୍ତି ନାହି । ଅଟା, ଚାଉଳ, ତେଲ ସବୁ ରାୟପୁରରୁ ଆସେ । ଆମ ଯୋଜନା ଏପରି ଯେ ଆଳୁ ମିଶନରେ ଉମରକୋଟଠାରେ ବିରାଟ ଶୀତଳ ଭଣ୍ଡାର ତିଆରି ହେଲାପରେ ଆଳୁଚାଷ ମୋ ମାଟିରୁ ନିଶ୍ଚିହ୍ନ ହୋଇଗଲା ।

ଅସରନ୍ତି ଅବହେଳାର ଶିକାର ହୋଇଛି ମୁଁ । କେବିକେ ଯୋଜନାରେ କେନ୍ଦ୍ର ହଜାର ହଜାର କୋଟି ଟଙ୍କା ଅଜାଡି ଦେଲା । ଗରୀବ ନିରାକାରଣ ପାଇଁ ମାଳ ମାଳ ଯୋଜନା ହେଉଛି । ମୋ ଆଦିବାସୀ ପୁଅଙ୍କ ପାଇଁ ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ବଣ୍ଡା, ବିଦାଇ ଡେଭଲପମେଣ୍ଟ ଯୋଜନାମାନ ହେଲା ମାତ୍ର, ମୋ ପିଲାଙ୍କ ଭାଗ୍ୟ ବଦଳିଲା ନାହିଁ । ଶୀତଦିନେ ବିସ୍ତୀର୍ଣ୍ଣ ଧାନ, ଅଳସି ଖେତ, ଆଖୁ କିଆରି ବଣ, ମହୁଲ ଗଛରୁ ଝରି ପଡୁଥିବା ଫଳ, ଶାଳଗଛର ଗଛ ନଇଁ ଦେଉଥିବା ମଞ୍ଜି, କେନ୍ଦୁପତ୍ର, ଝୁଣା, ମହୁ ଭଳି ଅସରନ୍ତି ପ୍ରାକୃତିକ ଭଣ୍ଡାର ଦେଖି ମନ ଯେତିକି ଖୁସି ହୁଏ, କାହିଁକି ସବୁଥାଇ ମଧ୍ୟ ମୋ ପିଲାମାନେ ଦାରିଦ୍ର୍ୟର ମୁକୁଟ ପିନ୍ଧିଛନ୍ତି ? ତାହା ମନକୁ ବିଷର୍ଣ୍ଣ କରିଦିଏ । ବିଭିନ୍ନ ଅନୈତିକ ଉପାୟରେ ଆଦିବାସୀଙ୍କ ଜମି ବାହାର ଲୋକଙ୍କ ହାତକୁ ଚାଲିଗଲାଣି । ଅନେକ କୋରାପୁଟର କନ୍ଧ ଜାତିର ଆଦିବାସୀ ଆସି ଜଙ୍ଗଲ ଧ୍ୱଂସ କରି ଜମି ଦଖଲ କରିଛନ୍ତି । ଦଣ୍ଡକାରଣ୍ୟ ଯୋଜନାରେ ଆଦିବାସୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରି ଶରଣାର୍ଥୀମାନଙ୍କୁ ଦିଆଗଲା । ଶତକଡା ୭୦ ଭାଗ ଲୋକ ଭୂମିହୀନ । କଣ କରିବେ ? ବହୁପ୍ରଚାରିତ ନେରେଗା ସରକାରୀ କାମ ମେସିନ କରୁଛି । ଚାଷ କାମ ମଧ୍ୟ ମେସିନ କଲାଣି । ଉତ୍କଟ ବେକାରୀରେ ଜିଲ୍ଲା ଆଚ୍ଛନ୍ନ ହୋଇପଡିଛି । ନିଜର ଅପାରଗତାକୁ ଘୋଡାଇବା ପାଇଁ ସରକାର ମାଗଣା ବାଂଟି ଚାଲିଛନ୍ତି । କୌଣସି ଶିଳ୍ପ ନାହିଁ । ଝିଅମାନେ ସିଲେଇ ଶିଖିବାକୁ ସୁଦୂର ତାମିଲନାଡୁ ଯାଉଛନ୍ତି । ଆମ ସରକାର ଏସଏସଜି ମାଧ୍ୟମରେ କାମ ଦେଉଛନ୍ତି ବୋଲି ତୁଚ୍ଛା ବାହାବା ନେଉଛନ୍ତି ଓ ସବସିଡି ବାଂଟି ଚାଲିଛନ୍ତି । ପିଲାମାନେ କାମ ନପାଇ ବାଙ୍ଗାଲୋର ନଚେତ ହାଇଦ୍ରାବାଦ ଯାଇ ରୋଗରେ ପଡି ଫେରୁଛନ୍ତି । ଯାହା ଯୋଜନା ଅର୍ଥ ଆସୁଛି ସରକାରୀ ବାବୁମାନେ ସ୍ୱାହା କରୁଛନ୍ତି । ବାଛି ବାଛି ଅପାରଗ ଦୁର୍ନୀତିପୂର୍ଣ୍ଣ ପ୍ରଶାସକମାନଙ୍କୁ ଦଳୀୟ ଏଜେଂଟ କରି ଜିଲ୍ଲାକୁ ପଠାଉଛନ୍ତି । ବାବୁମାନଙ୍କ ପାଣି ପାଇପରୁ ଟଙ୍କା ବାହାରୁଛି, କୋଠାଉପରୁ ଟଙ୍କା ବର୍ଷା ହେଉଛି । ଏଥିରୁ ଯୋଜନା କିପରି ହେଉଛି ଯଦି ସରକାର ନବୁଝିବେ, ତାହାହେଲେ କିଏ ବୁଝିବ ? ଅମାପ ଖଣିଜ ସଂପଦର ମାଲିକ, ହାଲ, ନାଲକୋ, ଜେକେ, ଆଦିତ୍ୟ ଆଲୁମିନା, ସେବା ଭଳି ବୃହତ ଶିଳ୍ପ, ଅନେକ ବୃହତ ଜଳ ଭଣ୍ଡାର, ଖଣି ଥାଇ ମଧ୍ୟ ଅବିଭକ୍ତ କୋରାପୁଟରେ ଦାରିଦ୍ର୍ୟ ବସା ବାନ୍ଧିଛି । ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ନାମରେ ହଜାର ହଜାର କୋଟି ଟଙ୍କା କୁଆଡେ ଯାଉଛି ? ରୋଗ ଟିକେ ହେଲେ ଭାଇଜାଗ ଯିବାକୁ ପଡୁଛି । ମୁହଁ ଲୁଚାଇ କାନ୍ଦି ନିଜ ଭାଗ୍ୟକୁ ନିନ୍ଦା କରିବା ଛଡା ମୁଁ କଣ ବା କରିବି । ମୋ ପଇସାରେ ବାବୁ ମାନେ ଭୂବନେଶ୍ୱରରେ ବଡ ବଡ କୋଠା ଫାର୍ମ ହାଉସ କରୁଛନ୍ତି । ଏହା ହିଁ ମୋର ସାନ୍ତ୍ୱନା, କାରଣ, ହାତୀ ବନସ୍ତରେ ରହିଲେ ବି ରାଜାର ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮*




# କପା ଫସଲରେ ବକରା ପୋକ ଦମନ


ଭୁବନାନନ୍ଦ ଅଧିକାରୀ

ଆମ ରାଜ୍ୟରେ ଉତ୍ପାଦିତ ଅନେକ ଅର୍ଥକାରୀ ଫସଲ ମଧ୍ୟରୁ କପା ଫସଲ ଅନ୍ୟତମ । ରାଜ୍ୟର ପଶ୍ଚିମ ଭାଗରେ ଏହି ଫସଲ ବହୁଳ ମାତ୍ରାରେ ଉତ୍ପାଦିତ ହୋଇ ଆମ ଚାଷୀର ଜୀବନ ଧାରଣର ମାନ ନିର୍ଦ୍ଧାରଣ କରିଥାଏ । ପ୍ରତି ଫସଲ ପରି କପା ଫସଲରେ ମଧ୍ୟ କୀଟ ଜନିତ ସମସ୍ୟା ଦେଖାଯାଏ ଯାହା ଅମଳ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହି କୀଟର ନିୟନ୍ତ୍ରଣ ନିମନ୍ତେ ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ସମନ୍ୱିତ କୀଟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ । କପାର ଅନେକ ଅନିଷ୍ଟକାରୀ କୀଟମାନଙ୍କ ମଧ୍ୟରେ ବକରା ପୋକ ପ୍ରଜାତି ଗୁଡ଼ିକ ଅନ୍ୟତମ । ସାଧାରଣତଃ ତିନି ପ୍ରକାରର ବକରା ପୋକ କପା ଫସଲରେ କ୍ଷତି ପହଞ୍ଚାଇଥାଏ । ସେଗୁଡ଼ିକ ହେଲା ଆମେରିକୀୟ ବକରା ପୋକ, ଚିତ୍ରିତ ବକରାପୋକ ଓ ନାଲି ବକରା ପୋକ । ଏମାନଙ୍କ ଶୁକ ଯଥାକ୍ରମେ ସବୁଜ, ଫିକା ମାଟିଆ ଓ ଗୋଲାପି ବର୍ଣ୍ଣର ହୋଇଥାଆନ୍ତି । ଆମେରିକୀୟ ବକରା ପୋକର ଶୁକ ବିଭିନ୍ନ ବର୍ଣ୍ଣ ଧାରଣ କରିଥାଆନ୍ତି ଯାହାର ଦେହର ଉଭୟ ପାର୍ଶ୍ୱରେ ଗାର ରହିଥାଏ । କପା ଗଛର ପତ୍ର ଛୋଟ ଥିବା ଅବସ୍ଥାରେ ଛୋଟ ଶୁକ ଗୁଡ଼ିକ ପତ୍ରର ସବୁଜ କଣିକା ଖାଇ ପତ୍ର ନଷ୍ଟ କରିଥାଆନ୍ତି । ଆକ୍ରାନ୍ତ ଡାଳ ଗୁଡ଼ିକ ଝାଉଁଳି ପଡ଼େ । କଢ଼ ଝଡ଼ି ପଡ଼େ । ଫଳରେ ଗୋଲାକାର ଛିଦ୍ର ଥାଏ । ଏହି ଛିଦ୍ରଟି ଶୁକର ମଳଦ୍ୱାରା ଆଚ୍ଛାଦିତ ହୋଇଥାଏ । ନାଳି ବକରା ଶୁକ ଫଳ ଭିତରେ





ସମ୍ପୂର୍ଣ୍ଣ ପ୍ରବେଶ କରି ବିଶେଷ କ୍ଷତି କରିଥାଏ । କିନ୍ତୁ ଆମେରିକୀୟ ବକରା ଶୁକ ସାଧାରଣତଃ ଗୁଣ୍ଡ ସହ ଏହାର କିଛି ଅଂଶ ଫଳ ଭିତରେ ଥାଏ । ଆଉ ଅର୍ଦ୍ଧେକ ଫଳ ବାହାରେ ରହିଥାଏ ।

ପରିଚାଳନା ବ୍ୟବସ୍ଥା :

- ନିୟମିତ ସର୍ବେକ୍ଷଣ ଓ ଫସଲ କିଆରୀ ପର୍ଯ୍ୟବେକ୍ଷଣ ଜରୁରୀ । ପୋକର ଗତିବିଧି ଉପରେ ନଜର ରଖନ୍ତୁ ।
- ଗୋଟିଏ ସ୍ଥାନରେ ବାରମ୍ବାର କପାଚାଷ ନକରି ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ୍ ।
- ଗଭୀର ଚାଷ ଓ ପରିଚ୍ଛନ ଚାଷ ପଦ୍ଧତି ଅବଲମ୍ବନ କରନ୍ତୁ ।
- ଯନ୍ତା ଫସଲ ଭାବେ ଟମାଟୋ, ଭେଣ୍ଡି ଏବଂ ଅନ୍ତଃଫସଲ ଭାବେ ମକା, ଝୁଡ଼ଙ୍ଗ, ସୋୟାବିନ୍, ମୁଗ, ବିରି ଚାଷ କରନ୍ତୁ ।
- ହେକ୍ଟର ପ୍ରତି ୧୦ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ ।
- ଆକ୍ରାନ୍ତ ଫଳ, ଗଛ ଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ।
- ହେକ୍ଟର ପ୍ରତି ୨୫ଟି ବାଉଁଶ କଣି ପୋତିଲେ ପକ୍ଷୀମାନେ ଆଶ୍ରୟ ନେଇଥାଆନ୍ତି ଓ ଶୁକ ଗୁଡ଼ିକୁ ଖାଇ ଦିଅନ୍ତି ।
- ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ହେକ୍ଟର ପିଚ୍ଛା ୧,୫୦,୦୦୦କୁ ୧୦ ଦିନ ଅନ୍ତରରେ କପା ବୁଣାର ୪୫ ଦିନ ପରଠାରୁ ତିନିଥର ପ୍ରୟୋଗ କରନ୍ତୁ ।
- ଏଚ୍.ଏ.ଏନ୍.ପିଭି ଭୂତାଣୁ ଜାତ କୀଟନାଶକ ହେକ୍ଟର ପ୍ରତି ୨୫୦ ଶୁକ ସମତୁଲ ଫସଲରେ ୨୦ ଦିନ ମଧ୍ୟରେ ସିଂଚନ କଲେ ଆମେରିକୀୟ ବକରା ପୋକ ନିୟନ୍ତ୍ରିତ ହେବ ।
- ବିଟି.କେ ନାମକ ବୀଜାଣୁ ଜାତ ଉତ୍ପାଦ ହେକ୍ଟର ପ୍ରତି ୨ କିଗ୍ରା ପ୍ରୟୋଗ କଲେ (ସିଂଚନ) ସମସ୍ତ ପ୍ରକାର ବକରା ପୋକ ଦମନ ସମ୍ଭବ ହୁଏ ।
- ନିମଶସ ଉଦ୍ଧୃତାଂଶ (୫%) ବା ନିମ୍ବଜାତ କୀଟନାଶକ ନିୟମିତ ସିଂଚନ କରନ୍ତୁ ।
- ଏତଦ୍ ଭିନ୍ନ ଯଦି ପୋକର ମାତ୍ରାଧିକ ଆକ୍ରମଣ ହୁଏ କେବେ ନିମ୍ନ କୀଟନାଶକ ଗୁଡ଼ିକୁ ଅଦଳବଦଳ କରି ସିଞ୍ଚନ କରନ୍ତୁ ।

କୀଟତତ୍ତ୍ୱ ବିଭାଗ,
ଓ.ୟୁ.ଏ.ଟି, ଭୁବନେଶ୍ୱର
ମୋ- ୯୫୮୩୨୮୫୪୯୯

### ହାଣ୍ଡିଖତର ପ୍ରସ୍ତୁତି ଓ ପ୍ରୟୋଗ ବିଧି-

ଆବଶ୍ୟକୀୟ ସାମଗ୍ରୀ- ଗୋବର, ଗୋମୂତ୍ର, ଗୁଡ଼(୫୦ଗ୍ରାମ), ଅରଖପତ୍ର (୧କିଗ୍ରା), ନିମ୍ବ ପତ୍ର(୧କିଗ୍ରା).କରଂଜ ପତ୍ର(୧କିଗ୍ରା)

ପ୍ରସ୍ତୁତି ପ୍ରଣାଳୀ- ଗୋଟିଏ ବଡ଼ ମାଟି ହାଣ୍ଡିରେ ଆବଶ୍ୟକୀୟ ଗୋବର ଓ ଗୋମୂତ୍ର ପକାଇ ଘାଣ୍ଟନ୍ତୁ। ଏହା ପରେ ଏଥିରେ ଅରଖ ପତ୍ର,କରଂଜ ପତ୍ର ଓ ନିମ୍ବ ପତ୍ର ପକାଇ ଭଲଭାବରେ ମିଶେଇ ଗୋଳାପକାନ୍ତୁ। ଛାଇ ସ୍ଥାନରେ ୭-୮ ଦିନ ଯାଏଁ ରଖନ୍ତୁ।

ପ୍ରୟୋଗ ବିଧି- ପ୍ରତି ଏକ ଲିଟର ପାଣିରେ ୧୫-୨୦ମିଲି ଲେଖାଏଁ ପକାଇ ସ୍ପ୍ରେ କରନ୍ତୁ।

### ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**

* ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ ।
* ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ ।ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
* ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
* ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

* ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
* ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
* ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
* ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ବାସୁମତୀ ଧାନ - କିଛି ଜଣା କିଛି ଅଜଣା


ସତ୍ୟଜିତ ମହାନ୍ତି

ବସୁମତୀ ଧାନ ସାଧାରଣତଃ ଏହାର ସୁଗନ୍ଧ ପାଇଁ ବେଶ ପରିଚିତ। ଏବେ ତ ଏହା ଘରେଘରେ ଉପଲବ୍ଧ। ଭାରତୀୟ ବଜାରରେ ଏହାର ଯେମିତି ଚାହିଦା ଠିକ ସେମିତି ଆ'ର୍ଜାତୀୟ ବଜାରରେ ବି ଏହାର ଚାହିଦା ଢ଼େର ବେଶୀ। ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ବିରିଆନୀ , ପଲଉ, ଖିରି ପ୍ରଭୃତିରେ ଏହାର ଚାହିଦା ଅନେକ। ଏବେ ସୁଦ୍ଧା ୨୯ ପ୍ରକାରର ବସୁମତୀ କିସମ ଉପଲବ୍ଧ ଅଟେ। ଯଥା- ବସୁମତୀ୨୧୭, ବସୁମତୀ ୩୭୦, ପଂଜାବ ବସୁମତୀ , ବୈଭବ ବସୁମତୀ , ପଂଜାବ ବସୁମତୀ ୩, ପୁଷା ବସୁମତୀ ୨ ..ଇତ୍ୟାଦି

ଅମ୍ଳୀୟ ମାଟିରେ ସୁଗନ୍ଧିତ ବସୁମତୀ କିସମ-ଯାମିନୀ

ଏହା ସାଧାରଣତଃ ଉତ୍ତର ଭାରତ ରାଜ୍ୟ ଯଥା - ପଂଜାବ , ହରିଆଣା , ଦିଲ୍ଲୀ , ହିମାଚଳ ପ୍ରଦେଶ ପ୍ରଭୃତି ରାଜ୍ୟରେ ଚାଷ କରାଯାଏ।



# କ୍ଷାରଜଳ ଜାଲଘର ମାଛ

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମନ୍ତେ ।

କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

# ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା


ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିଂ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

ଜୈବିକ କୃଷିସାର କ'ଣ ?

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବ ମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

ବିଭିନ୍ନ ପ୍ରକାର ଜୈବିକ କୃଷିସାର :

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :



ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ :



ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

ଆଜୋଲା :

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ। ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

**(ଯୋଗାଯୋଗ-ଶ୍ୟାମଳ ସୁବର୍ଣ୍ଣ,ବାସୁଦେବପୁର,ଭଦ୍ରକ)**

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday December 04, 2021 ଭୁବନେଶ୍ୱର ଶନିବାର, ଡିସେମ୍ବର ୦୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ : ଦେଶକୁ ଆଗେଇ ନେବାରେ ଭିନ୍ନକ୍ଷମମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ଜିଲ୍ଲାପାଳ




କେନ୍ଦୁଝର,(ପି.ଏନ):ଦେଶକୁ ତଥା ଜାତିକୁ ଆଗେଇ ନେବାରେ ଭିନ୍ନକ୍ଷମମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି । ଚଳିତ ଡିସେମ୍ବର ୩ ତାରିଖ ଶୁକ୍ରବାର ଦିନ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରାଙ୍କିସ୍ଥିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଏହି ମତବ୍ୟକ୍ତ କରିବା ସହ ଦୃଢ ମାନସିକତା, ଇଚ୍ଛାଶକ୍ତି ଓ ନିଷ୍ଠା ବଜାୟ ରଖିଲେ ଭିନ୍ନକ୍ଷମମାନେ ସଂଫଳତାର ଶୀର୍ଷରେ ପହଂଚି ପାରିବେ ବୋଲି କହିଥିଲେ । ଭିନ୍ନକ୍ଷମମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉଦ୍‌ବୋଧନ ଛଳରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ଭିନ୍ନକ୍ଷମମାନଙ୍କର କଲ୍ୟାଣ ଓ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି । ଏହାର ସୁଫଳ ସେମାନେ କିପରି ପାଇପାରିବେ ସେଥିପାଇଁ ସମସ୍ତଙ୍କର କର୍ତବ୍ୟ ରହିଛି । କେନ୍ଦୁଝର ଜିଲ୍ଲାରେ ଭିନ୍ନକ୍ଷମମାନଙ୍କର କଲ୍ୟାଣ ପାଇଁ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯାଉଛି । ଡି.ଏମ୍.ଏଫ୍. ଅନୁଦାନରେ ରାଙ୍କିଠାରେ ନିର୍ମିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରକୁ ଗତ ନଭେମ୍ବର ୧୮ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଭିନ୍ନକ୍ଷମମାନେ ବହୁଳ ଭାବରେ ଉପକୃତ ହୋଇପାରିବେ । ଏଠାରେ ପୁନର୍ବାସ ଉପକରଣ, କୃତ୍ରିମ ଅଙ୍ଗ, ସହାୟକ ଉପକରଣ ଅତ୍ୟାଧୁନିକ ଜ୍ଞାନ କୌଶଳ ଉପଯୋଗରେ ନିର୍ମାଣ କରାଯାଇ ଭିନ୍ନକ୍ଷମମାନଙ୍କୁ ପ୍ରଦାନ କରାଯାଇ ବ୍ୟବସ୍ଥା ରହିଛି । ଆବାସିକ ବ୍ୟବସ୍ଥା ସହ ବିଭିନ୍ନ ପ୍ରକାର ଥେରାପିର ବ୍ୟବସ୍ଥା ଉପଲବ୍ଧ କରାଯାଇଛି । ଏତଦ୍‌ବ୍ୟତୀତ ପିଲାମାନଙ୍କ ପାଇଁ ଏକ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୁଦି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ଭିନ୍ନକ୍ଷମମାନେ ମଧ୍ୟ ସକ୍ଷମ ଓ ସମର୍ଥ । ସେମାନେ ନିଜର ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଷ୍ଠା ପ୍ରତିପାଦନ କରି ଯଶ ଗୌରବର ଅଧିକାରୀ ହୋଇପାରିବେ । ଏଣୁ ସେମାନଙ୍କୁ ହତାଧର ନକରି ସେମାନଙ୍କ ପ୍ରତି ସକରାତ୍ମକ ମନୋଭାବ ରଖି ଆଦର କଲେ ସେମାନେ ସମାଜର ଭବିଷ୍ୟତରେ ବଡ ମଣିଷ ହୋଇପାରିବେ । ଏତଦ୍‌ବ୍ୟତୀତ ଭିନ୍ନକ୍ଷମମାନଙ୍କ କଲ୍ୟାଣ ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଅବତାରଣା କରିଥିଲେ । ଜିଲ୍ଲା ମେଡିକାଲ୍ ଅଫିସର (ଏମ୍.ଏସ.) ତଥା ଜିଲ୍ଲା ହସପିଟାଲ୍‌ର ସୁପରିନ୍‌ଟେଣ୍ଡେଂଟ୍ ଡାଃ କିଶୋର କୁମାର ପୃଷ୍ଟି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଜୟଶ୍ରୀ ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ସାହିତ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ସମାରୋହର ସଂଚାଳନା କରିଥିଲେ । ଏହି ଅବସରରେ ୧୦ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର, ଦୁଇଜଣଙ୍କୁ କୃତ୍ରିମ ଅଙ୍ଗ, ଦୁଇ ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି, ଜଣଙ୍କୁ ଡି.ଆର୍.ଇ. ଲୋନ୍ ପ୍ରଦାନ କରାଯାଇଥିବାବେଳେ ଦୁଇ ଜଣ ଭିନ୍ନକ୍ଷମଙ୍କୁ ଫିଜିଓଥେରାପି ସୁବିଧା ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଡି.ଏମ୍.ଏଫ୍. ଅନୁଦାନରେ ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ କେନ୍ଦୁଝର ସହର ଉପକଣ୍ଠ ରାଙ୍କିଠାରେ ଭିନ୍ନକ୍ଷମମାନଙ୍କ ପାଇଁ ନିର୍ମିତ ଉଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରକୁ ଗତ ନଭେମ୍ବର ୧୮ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଆଗାମୀ ୫ ବର୍ଷ ପାଇଁ ଏହାର ପରିଚାଳନା ନିମନ୍ତେ ୭.୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନଙ୍କ ସାମଗ୍ରିକ ବିକାଶ ତଥା କଲ୍ୟାଣ ପାଇଁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହା ସ୍ଥାପନ କରାଯାଇଛି । ଉକ୍ତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଦେଶର ଏକ ଅଗ୍ରଣୀ ପ୍ରତିଷ୍ଠାନ ହୋଇଛି ଏବଂ ଆନ୍ତର୍ଜାତୀୟସ୍ତରରେ ଉପଲବ୍ଧ ଥିବା ଭିନ୍ନକ୍ଷମ ଏବଂ ବୃଦ୍ଧବ୍ୟକ୍ତିଙ୍କ ପାଇଁ ସର୍ବୋତମ ସେବା ଯୋଗାଇବ ଏବଂ ପୁନଃ ଥଇଥାନ କ୍ଷେତ୍ରରେ ମାର୍ଗ ଦର୍ଶନ କରିବ । ଏହି କେନ୍ଦ୍ରରେ ଯେଉଁମାନେ ନିଜ ହାତ ଓ ବାହୁରେ ଶକ୍ତି ହରାଇଛନ୍ତି, ମାଂସପେଶୀ ବ୍ୟାଧି, ଅସ୍ଥି ସମ୍ବନ୍ଧୀୟ ବ୍ୟାଧି, ମାଂସ ପେଶୀ ଶକ୍ତି ବୃଦ୍ଧି ଏବଂ ସ୍ନାୟବିକ ଉନ୍ନତି, ପକ୍ଷାଘାତ, ମସ୍ତିକଜନିତ ଆଘାତ, ମସ୍ତିଷ୍କ ପାଲସି ଅଥବା ସ୍ନାୟୁଜନିତ ରୋଗ, ସ୍ନାୟୁଗତ ବ୍ୟାଧିର ଚିକିତ୍ସା ବ୍ୟବସ୍ଥା ରହିଛି । ଏତଦ୍‌ବ୍ୟତୀତ ଆଧୁନିକ ଜ୍ଞାନ କୌଶଳରେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ନିର୍ମାଣ କରାଯାଇ ଭିନ୍ନକ୍ଷମମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ଶୋକ ସଭା

ଘଷିପୁରା, (ପି.ଏନ):ଘଷିପୁରାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର କାର୍ଯ୍ୟକର୍ତ୍ତା ସେବୀକା ଯମୁନା ଅପାଙ୍କ ଅକାଳ ବିୟୋଗରେ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ତରଫରୁ ଏକ ଶୋକସଭା ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର କର ଓ ନିରନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ କମିଟିର ସଭାପତି ଚିତ୍ତରନ ଦାଶ, ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ସମାଜସେବୀ ବୁଲୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତା ଯମୁନା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତା ସାହୁ ଶିଶୁ ମନ୍ଦିରରେ ଦୀର୍ଘ ୧୫ ବର୍ଷ ଧରି ଜଣେ ଉତ୍ତମ ସେବୀକା ଭାବେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ । ତାଙ୍କ ବିୟୋଗରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସହକର୍ମୀମାନେ ଗଭୀର ଶୋକ ପ୍ରକାଶ କରିବା ସହ କୋମଳମତି ଛାତ୍ରଛାତ୍ରୀଙ୍କ ପ୍ରତି ଯମୁନା ଅପା ଦେଇଥିବା ସ୍ନେହ ଶ୍ରଦ୍ଧା ବାନ୍ଧି ରଖିବ ବୋଲି ମତବ୍ୟକ୍ତ କରିଥିଲେ ।

## ନାଲକୋ ମୁଖ୍ୟ କାର୍ଯ୍ୟାଳୟଠାରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ), ଭୁବନେଶ୍ୱରର ବୈଠକ ଆୟୋଜିତ






ଭୁବନେଶ୍ୱର,(ପି.ଏନ) : ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ର ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୪ତମ ବୈଠକ ନାଲକୋର ଅଧକ୍ଷ ତଥା ପରିଚ୍ାଳନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଅଛି । ଶ୍ରୀ ପାତ୍ର ନିଜର ଉଦବୋଧନରେ, ସମସ୍ତ ପି.ଏସ.ୟୁ ଏବଂ ସରକାରୀ ସଂଗଠନଗୁଡ଼ିକୁ, ନୈନ୍ଦିନ ସରକାରୀ କାର୍ଯ୍ୟରେ ଯଥାସମ୍ଭବ ହିନ୍ଦୀ ଭାଷାର ବ୍ୟବହାର କରିବା ପାଇଁ ଉତ୍ସାହିତ କରିଥିଲେ । ଏଥିସହ ରାଜଭାଷାର କାର୍ଯ୍ୟକାରିତା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀଗୁଡ଼ିକର ସୂଚ୍ାରୁ ରୂପେ ଅନୁପାଳନ କରିବା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ ।ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ପାୱାର୍ ଗ୍ରୀଡ୍ କର୍ପୋରେସନ୍ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ୨୦୨୦-୨୧ ମସିହା ନିମନ୍ତେ ଶ୍ରେଷ୍ଠ ରାଜଭାଷା କାର୍ଯ୍ୟାନ୍ୱୟନ ପୁରସ୍କାର ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉକ୍ତ ସଂସ୍ଥାଗୁଡ଼ିକୁ ସେମାନଙ୍କ ସଫଳତା ପାଇଁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ସଂସ୍ଥାଗୁଡ଼ିକର ରାଜଭାଷା ଅଧିକାରୀମାନଙ୍କୁ ମଧ ଏହି ଅବସରରେ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ କମିଟିର ଉପାଧକ୍ଷ ତଥା ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ରାଧାଶ୍ୟାମ ମହାପାତ୍ର ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକ (ନିୟୋଜନ) ଶ୍ରୀ ନିର୍ମଳ କୁମାର ଦୁବେ ଯୋଗ ଦେଇଥିଲେ । ଶ୍ରୀ ଦୁବେ ସମସ୍ତ ସଦସ୍ୟ କାର୍ଯ୍ୟାଳୟରେ ରାଜଭାଷା କାର୍ଯ୍ୟକାରିତାର ସମୀକ୍ଷା କରିବା ସହିତ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶାବଳୀ ପ୍ରଦାନ କରିଥିଲେ । ଏହି ଅବସରରେ ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଅଧକ୍ଷଙ୍କ କାର୍ଯ୍ୟାଳୟ ଦ୍ୱାରା ଶ୍ରୀ ଦୁବେଙ୍କ ସହଯୋଗରେ ସମସ୍ତ ସଦସ୍ୟ କାର୍ଯ୍ୟାଳୟଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ହିନ୍ଦୀ କର୍ମଶାଳା ମଧ ଆୟୋଜିତ ହୋଇଥିଲା ।

## ନୟାକୋଟ ଘୋଡ଼ାଡ଼ିଲ ପାହାଡ଼ରେ ବେଆଇନଭାବେ ଧାର୍ଯ୍ୟଠାରୁ ଅତ୍ୟଧିକ ପଥର ଉତ୍ତୋଳନ ଅଭିଯୋଗ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନସ୍ଥ ଓଳସିଂହ ପଞ୍ଚାୟତ ନୟାକୋଟ ମୌଜାରେ ଥିବା ଘୋଡ଼ାଡ଼ିଲ ପାହାଡ଼ରୁ ବର୍ତ୍ତମାନ ରାଜସ୍ୱ ବିଭାଗର ଧାର୍ଯ୍ୟଠାରୁ ଢେରଗୁଣରେ ପଥର ଖୋଳାଯାଉଥିବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିବାର ଜଣାପଡ଼ିଛି । ଏହି ପାହାଡ଼କୁ ନିଲାମ ନ କରିବା ପାଇଁ ଏହି ଅଞ୍ଚଳ ତରଫରୁ ପୂର୍ବରୁ ବହୁ ଅଭିଯୋଗ ହୋଇଥିଲେ ବି ଟାଙ୍ଗୀ ତହସିଲ ପକ୍ଷରୁ ୨୦୧୮ ମସିହା ଅକ୍ଟୋବର ୨୩ରେ ନୋଟିସ ନଂ ୩୨୬୦ ମାଧ୍ୟମରେ ମୌଜା ନୟାକୋଟ ଖାତାନଂ ୨୯୩ ,ପ୍ଲଟ -୬୮୫ , ଏରିଆ ୨୯.୪୬୦ ଡ଼ି ବାର୍ଷିକ ୩୦୦୦ କ୍ୟୁ. ମିଟର ଖୋଳିବା ପାଇଁ ନିଲାମ କରାଯାଇଥିଲା । ଏହି ନିଲାମକୁ ଏକ ଘରୋଇ କମ୍ପାନୀ ପାଇ କଳାମୁଗୁନି ପଥର ଉତ୍ତୋଳନ କରିବାକୁ ଗତ ୨୦୨୦ ମସିହା ଏପ୍ରିଲ ମାସରୁ କ୍ଷମତା ପାଇଥିଲା । ପରେ ଉକ୍ତ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଉକ୍ତ ପାହାଡ଼ ଖନନ ଦ୍ୱାରା ନିଜର ଥିବା ଚାଷଜମି ଉପରେ ପ୍ରଭାବ ପଡ଼ିବ ଓ ଫସଲ ନଷ୍ଟ ହେବ ବୋଲି ଅଭିଯୋଗ କରି ଧମକାଇ ଉକ୍ତ ନିଲାମଧାରୀଙ୍କ ସହ ସିଂହଭାଗ ଭାଗିଦାରୀ ହେବାରେ ସଫଳ ହୋଇଥିଲେ । ଏମାନେ ବି ପୂର୍ବରୁ ଏହି ପାହାଡ଼ ସେମାନଙ୍କର ବୋଲି ଦାବୀ କରି ଏଠାରୁ ପଥର ଉତ୍ତୋଳନ କରୁଥିବାର ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି । ଚୋରୀ ରୋକିବା ପାଇଁ ତହସିଲଦାରଙ୍କ ତରଫରୁ ବାର୍ଷିକ ୩୦୦୦ କ୍ୟୁ.ମି ନିଲାମରେ ଟେଣ୍ଡର କରିଥିଲେ ବି ଦେଢବର୍ଷରେ ଦୈନିକ ବହୁ ଅତ୍ୟଧିକ ଅର୍ଥାତ ଲକ୍ଷାଧିକ କ୍ୟୁ ମିଟର ପଥର ଉତ୍ତୋଳନ କରାଯାଇ ୧୦୦ଫୁଟ ଉପରୁ ୧୦୦ଫୁଟ ତଳକୁ ଖୋଳା ଯାଇଥିବାର କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ସ୍ଥାନୀୟ ଅସାମାଜିକ ବ୍ୟକ୍ତିମାନେ ମଧ୍ୟ ନିଜ କବଜାରେ ରାଜସ୍ୱ ବିଭାଗ ରହିଛି ଯାହା ଚାହିଁବେ ତାହା କରିବେ ବୋଲି ମଧ୍ୟ କହୁଥିବା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗରୁ ଜଣାପଡ଼ିଛି । ତେଣୁ ଉକ୍ତ ଖୋଳା ଯାଇଥିବା ପାହାଡ଼ ଅଞ୍ଚଳକୁ ଏକ ଖଣି ମାପ ନିର୍ଦ୍ଧାରଣ ଟିମ ପଠାଇ ବାସ୍ତବ ସ୍ଥିତି ପରଖି ମାଫିଆମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି । ଏ ସଂପର୍କରେ ଟାଙ୍ଗୀ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରେ ସେ କହିଥିଲେ ଏହି ପାହାଡ଼ ନିଲାମ ଦିଆଯାଇଛି କିନ୍ତୁ ଏପରି ଅଭିଯୋଗ ଆମ ପାଖରେ ପହଞ୍ଚି ନାହିଁ । ଆମେ ଅଭିଯୋଗ ପାଇଲେ ଏହାର ତଦାରଖ କରିବୁ ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ସାମାଜିକ ସୁରକ୍ଷା ଶିବିର ଅନୁଷ୍ଠିତ

କେନ୍ଦୁଝର, (ପି.ଏନ):ଆଜି ହରିଚନ୍ଦନପୁର ଠାରେ କେନ୍ଦୁଝର ପୋଷ୍ଟ୍ ପେମେଣ୍ଟ ବ୍ୟାଙ୍କ୍ ମୁଖ୍ୟ ଡାକଘରର ବରିଷ୍ଠ ପ୍ରବନ୍ଧକ ଚିନ୍ତାମଣି ପାଗଳଙ୍କ ପୌରହିତ୍ୟରେ ଏକ ସମାଜିକ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ 'ଜୀବନଜ୍ୟୋତି' ବୀମା ଯୋଜନାର ଉପକାରିତା ସମ୍ବନ୍ଧରେ ଶ୍ରୀ ପାଗଳ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଶ୍ରୀ ପାଗଳ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବର୍ଷକୁ ମାତ୍ର ୩ଶହ ୩୦ଟଙ୍କା ପ୍ରଦାନ କରି ଏହି ଜୀବନଜ୍ୟୋତି ବୀମାରେ ଜନସାଧାରଣ ଭାଗ ନେଇ ଏହାର ସୁଫଳ ନିଅନ୍ତୁ । ବୀମା କର୍ତ୍ତାଙ୍କ ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ତାଙ୍କ ପରିବାରକୁ ପ୍ରଦାନ କରାଯିବ । ଜଣେ ସାଧାରଣ ବ୍ୟକ୍ତି ପାଇଁ ଏ ଅର୍ଥ ରାଶି କେତେ ଯେ ଆବଶ୍ୟକତା ତାହା କେବଳ ବୀମା ରାଶି ପାଉଥିବା ବ୍ୟକ୍ତି ହିଁ ଜାଣନ୍ତି । ବଡ ସୁଖର ବିଷୟ ହରିଚନ୍ଦନପୁର ଗ୍ରାମର ଜଣେ ଖଟିଖିଆ ଗରିବ ବ୍ୟକ୍ତି ଶ୍ରୀ ପ୍ରଫୁଲ ମହାନ୍ତ ପୋଷ୍ଟ ଅଫିସ୍ ମାଧ୍ୟମରେ ଗ୍ରାମୀଣ ଡାକ ସେବକ ମହେଶ୍ୱର ମହାନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ । କୌଣସି କାରଣ ବଶତଃ ରୋଗଗ୍ରସ୍ତ ହୋଇ ପ୍ରଫୁଲ ମହାନ୍ତଙ୍କ ମୃତ୍ୟୁ ହୋଇଥିଲା । ତତ୍‌କ୍ଷଣାତ୍ ଶାଖା ଡାକପାଳ ମହେଶ୍ୱର ମହାନ୍ତ ମୃତ୍ୟୁ ଖବର ପୋଷ୍ଟ୍ ପେମେଣ୍ଟ ବ୍ୟାଙ୍କର୍ ବରିଷ୍ଟ ପ୍ରବନ୍ଧକ ଚିନ୍ତାମଣି ପାଗଳଙ୍କ ଦୃଷ୍ଟିଗୋଚର କରିଥିଲେ । ଶ୍ରୀ ପାଗଳ କାଳବିଳମ୍ବ ନକରି ବୀମା ରାଶି ତାଙ୍କ ବିଧବା ପତ୍ନୀ ନନ୍ଦିତା ମହାନ୍ତଙ୍କୁ ପ୍ରଦାନ କରିବାର ସହାୟତା ଯୋଗାଇ ଦେଲେ । ଉକ୍ତ ବୀମା ଅର୍ଥ ରାଶି ଏହି ଆୟୋଜିତ ଶିବିରରେ ନନ୍ଦିତା ମହାନ୍ତଙ୍କୁ ଚେକ୍ ମାଧ୍ୟମରେ ଶ୍ରୀ ପାଗଳ ପ୍ରଦାନ କରିଥିଲେ । ସୁଚନାଯୋଗ୍ୟ ଯେ ମୃତ ପ୍ରଫୁଲ ମହାନ୍ତ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କର ଦୁଇଟି ଛୁଆ ଓ ବିଧବା ପତ୍ନୀ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଭାବେ ଅସହାୟ ହୋଇ ପଡିଥିଲେ । ଏହି ଶିବିରରେ ନନ୍ଦିତା ମହାନ୍ତ ତାଙ୍କ ପ୍ରତିକ୍ରିୟା ରଖି ଅତ୍ୟନ୍ତ ଭାବପ୍ରବଣ ହୋଇ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରି କହିଥିଲେ ଯେ ସମସ୍ତେ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ସୁଫଳ ଲାଭ କରନ୍ତୁ । କାର୍ଯ୍ୟକ୍ରମଟିକୁ କେନ୍ଦୁଝର ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ଅପରେସନ୍ ମ୍ୟାନେଜର ଶ୍ରଦ୍ଧାଳୀ ଓ ଶାଖା ଡାକପାଳ ମହେଶ୍ୱର ମହାନ୍ତ, ପ୍ରସନ୍ନ ସାହୁ, ପବିତ୍ର ବାରିକ୍, କେଶବ ପାତ୍ର, ସନ୍ତୋଷ ପାତ୍ର, ସୁଶିଲ ସାହୁ, ସଂଯୁକ୍ତ ବେହେରା, କୁମୁଦିନୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ଗ୍ରାମର ବରିଷ୍ଠ ନାଗରିକ ଓ ସମ୍ମାନସ୍ପଦ ବ୍ୟକ୍ତି ନିରାକାର ସାହୁ ଏହି ଶିବିରରେ ଯୋଗଦାନ କରିଥିଲେ । ଶ୍ରୀ ପାଗଳଙ୍କର ଉତ୍ସର୍ଗୀକୃତ ସେବା ପାଇଁ ଜନସାଧାରଣ ଅଭିନନ୍ଦନ ଓ ଆଶିର୍ବାଦ ପ୍ରଦାନ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray